*ଆସନ୍ତା ୫ ବର୍ଷରେ ଭାରତ ଏବଂ ଓଡ଼ିଶାର ଅର୍ଥନୀତି, ରାଜନୀତିର କିଭଳି ସ୍ଥିତି ରହିବ। ପ୍ରାକୃତିକ ବିପର୍ଯ୍ୟୟ ଦେଶ ଓ ରାଜ୍ୟକୁ କେତେ ପ୍ରଭାବିତ କରିବ। କୃଷି କ୍ଷେତ୍ରର ସ୍ଥିତି କ'ଣ ରହିବ। କରୋନା ଭଳି ଆଉ କିଛି ମହାମାରୀ ଆଶଙ୍କା ରହିଛି କି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପରିଣାମ କ'ଣ ହେବ। ସାଧାରଣ ନାଗରିକ ଆଗାମୀ ବର୍ଷ କିଭଳି ବିତାଇବେ। ଏଭଳି କିଛି ପ୍ରଶ୍ନର ଉତ୍ତର ଦେଇଛନ୍ତି ରାଜ୍ୟର ବିଭିନ୍ନ ଅଞ୍ଚଳର ଜଣାଶୁଣା ଜ୍ୟୋତିର୍ବିଦ୍।*



## ଶାସକ ଦଳ ମଜଭୁତ ରହିବ



ଭାରତର ଗ୍ରହସ୍ଥିତି ଦେଖିବାକୁ ଗଲେ ମକର ରାଶି ବକ୍ରଗତି କରି ଆସୁଛି। ଫଳରେ ଭାରତକୁ ଆଗାମୀ ପାଞ୍ଚବର୍ଷ ବହୁ ସତର୍କତା ସହ ଚଳିବାକୁ ପଡ଼ିବ। ରାଜନୈତିକ ଦଳଗୁଡ଼ିକ ଅସନ୍ତୋଷ, ବାଦବିବାଦରେ ଜଡ଼ିତ ରହି ଅସ୍ଥିରତା ସୃଷ୍ଟି କରିବା ଦ୍ୱାରା ଦେଶବାସୀଙ୍କୁ ବହୁ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିପାରେ। ଶାସକ ଦଳ ମଜଭୁତ ରହିବ। ପୁନର୍ବାର ଶାସକ ଦଳ କ୍ଷମତାକୁ ଆସିବା ବହୁ ସମ୍ଭାବନା ରହିଛି। ଓଡ଼ିଶାର ରାଜନୈତିକ ପରିସ୍ଥିତି ସୁଦୃଢ଼ ଥିଲେ ମଧ ଆଗାମୀ ଦିନରେ ଆର୍ଥିକ ଅନଟନ ଦେଖାଦେବ। ସରକାର ତାହାର ନିରାକରଣ କରିବେ। ଆଗାମୀ ଦିନରେ ନିର୍ବାଚନ ସମୟ ପୂର୍ବରୁ ଗୋଷ୍ଠୀ କନ୍ଦଳ ଶାସକ ଦଳ ପାଇଁ କ୍ଷତିକାରକ ହୋଇପାରେ। କେବଳ ଶାସକ ଦଳ ନୁହେଁ, ପ୍ରମୁଖ ରାଜନୈତିକ ଦଳରେ ଗୋଷ୍ଠୀକନ୍ଦଳ ଦେଖାଦେଇପାରେ, ଯଦ୍ଦ୍ୱାରା ପ୍ରକୃତ ଜନପ୍ରତିନିଧି ଶାସକ କିମ୍ବା ବିରୋଧୀ ଦଳକୁ ଆସିବା ପାଇଁ ସୁଯୋଗ ପାଇବେ ନାହିଁ। ଆଗାମୀ ୫ ବର୍ଷରେ ଦେଶ, ରାଜ୍ୟରେ ବନ୍ୟା, ବାତ୍ୟା, ଭୂସ୍ଖଳନ, ଜଳବାୟୁ ପରିବର୍ତ୍ତନ ବୃଦ୍ଧି ପାଇବା ସହ ଚାଷ କ୍ଷେତ୍ରରେ ବାଧା ସୃଷ୍ଟି ହେବ। ପ୍ରାକୃତିକ ବିପର୍ଯ୍ୟୟ ଦେଶ ଓ ରାଜ୍ୟର ଅର୍ଥନୀତି ଉପରେ ପ୍ରଭାବ ପକାଇବ। ଆଗାମୀ ୫ ବର୍ଷ ମଧରେ କରୋନା ଭଳି ଅନେକ ମହାମାରୀ ଲାଗି ରହିବ, ଯାହାକି ଦେଶ ଓ ରାଜ୍ୟର କ୍ଷତି ଘଟାଇବା ସହ ଅନେକ ଧନଜୀବନ ନଷ୍ଟ କରିବା ଆଶଙ୍କା ରହିଛି। ଅନ୍ୟପକ୍ଷରେ ରୁଷିଆ ଓ ୟୁକ୍ରେନ ଯୁଦ୍ଧ ଉଭୟ ଦେଶର ଅନେକ କ୍ଷୟ ଘଟାଇଛି। ଆଗାମୀ ୨ ବର୍ଷ ୬ ମାସ ପର୍ଯ୍ୟନ୍ତ ଏହି ଯୁଦ୍ଧ ସାରା ବିଶ୍ୱରେ ଭୟଙ୍କର ରୂପ ଧାରଣ କରିବା ସହ ମହାମାରୀ ଦେଖାଦେବ।

**–ବିନାୟକ ଶତପଥୀ, ରାଜ ପୁରୋହିତ, ଜ୍ୟୋତିଷ, ମାଲକାନଗିରି**

## ଗୁରୁତ୍ୱପୂର୍ଣ୍ଣ ପଦବୀରେ ନୂଆ ମୁହଁ



୨୦୨୪ ମସିହାରେ ବୈଦେଶିକ ପୁଞ୍ଜିନିବେଶ ବୃଦ୍ଧି ପାଇବ, ଶିଳ୍ପକ୍ଷେତ୍ରରେ ଅଗ୍ରଗତି ହେବ। ବହୁ ବିଦେଶୀ ରାଷ୍ଟ୍ର ଭାରତ ଉପରେ ନିର୍ଭର କରିବେ। ମୁଣ୍ଡପିଛା ଆୟର ବୃଦ୍ଧି ଘଟିବ। କୃଷି ଜନିତ ଉତ୍ପାଦନ ବୃଦ୍ଧି ପାଇବ। ୨୦୨୯ ବେଳକୁ ଭାରତର ଅର୍ଥନୀତି ସୁଦୃଢ଼ ହେବ। କୃଷି କ୍ଷେତ୍ରରେ ବହୁ ଅଗ୍ରଗତି ଘଟିବ। ନୂତନ ତଥା ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧିପାଇବ। ବର୍ତ୍ତମାନର ଯୁବ ସମାଜ ଆଗକୁ କୃଷି କ୍ଷେତ୍ରରେ ଅଧିକ ଧ୍ୟାନ ଦେବେ। ଦେଶରେ ବର୍ତ୍ତମାନର ଶାସକ ଦଳ ବହୁ ପ୍ରତିବନ୍ଧକ ତଥା ବୁଝାମଣା ଭିତ୍ତିରେ ପୁନର୍ବାର ସରକାର ଗଠନ କରିବ। ତୁଳନାତ୍ମକ ଭାବେ ଅନ୍ୟ ରାଜ୍ୟଗୁଡ଼ିକଠାରୁ ଓଡ଼ିଶାର ଅର୍ଥନୀତି ବିଶେଷ ପରିବର୍ତ୍ତନ ହେବ ନାହିଁ। ରାଜ୍ୟରେ ବେକାରୀ ସଂଖ୍ୟା ବୃଦ୍ଧିପାଇବ। ବର୍ତ୍ତମାନର ଶାସକ ଦଳ ପୁନଃକ୍ଷମତାକୁ ଆସିବ। ଗୁରୁତ୍ୱପୂର୍ଣ୍ଣ ପଦବୀରେ ନୂଆ ମୁହଁ ଆସିବ। ୨୦୨୪ ଓ ୨୦୨୫ରେ ଭାରତର ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ବାତ୍ୟା ଓ ବନ୍ୟା ହେତୁକ ଧନଜୀବନ ପ୍ରଭାବିତ ହେବ। ଓଡ଼ିଶାରେ ମଧ ୨୦୨୫ ଓ ୨୦୨୬ରେ ବାତ୍ୟା ଜନିତ କ୍ଷୟକ୍ଷତିର ଆଶଙ୍କା ରହିଛି। ୨୦୨୩ ଜୁନ୍‌ରୁ କରୋନାର ପ୍ରଭାବ ପୂରା କମିଯିବ। ମୃତ୍ୟୁହାର ସମ୍ପୂର୍ଣ୍ଣ କମିଯିବ। ଆସନ୍ତା ୫ ବର୍ଷ ମଧ୍ୟରେ କରୋନା ଭଳି ମହାମାରୀ ଆଶଙ୍କା ନାହିଁ। ସାଧାରଣ ଲୋକେ ଅଧିକ ଭୋଗ ବିଳାସ ଆଡ଼କୁ ମନ ବଳାଇବେ। ଶ୍ରମ କମିଯିବ। ସହଜ ରାସ୍ତାକୁ ଆପଣାଇବେ। ପ୍ରତ୍ୟେକ ବ୍ୟକ୍ତି ମାନସିକ ବ୍ୟସ୍ତତା ଆଡ଼କୁ ଗତି କରିବେ। ଅନ୍ୟପକ୍ଷରେ ୟୁକ୍ରେନ ଶେଷରେ ରୁଷିଆ ସହ ସନ୍ଧି କରିବ। ୨୦୨୩ ଫେବୃୟାରୀ ପର୍ଯ୍ୟନ୍ତ ସ୍ଥିତି ଖରାପ ରହିବ।

**–ଜ୍ୟୋତିର୍ବିଦ୍ ରୁଦ୍ର କୁମାର ବିଶ୍ୱାଳ, ଜାନିଗୁଡା, କୋରାପୁଟ**

## ଦେଖାଦେବ ଜଳ ସଙ୍କଟ



ଆସନ୍ତା ପାଞ୍ଚବର୍ଷ ମଧରେ ଭାରତ ବୈଦେଶିକ ନୀତି ଯୋଗୁ କେତେକ ସ୍ଥାନରେ ନୂତନ ସମସ୍ୟାର ସମ୍ମୁଖୀନ ହେବ। ଫଳରେ କେତେକ ପୁରାତନ ବନ୍ଧୁଦେଶ ସହ ସମ୍ପର୍କ ବ୍ୟାହତ ହୋଇପାରେ। ରାଜନୈତିକ ଅସ୍ଥିରତା ରହିଲେ ମଧ ବିରୋଧୀ ଦଳ ବଳଶାଳୀ ହେବା ଆଶା କ୍ଷୀଣ। ବୈଦେଶିକ ଗବେଷଣା ସଫଳ ହେବ। ଓଡ଼ିଶାରେ ରାଜନୈତିକ ବିଭେଦ ଦେଖାଦେଇପାରେ। ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଧନଜୀବନ କ୍ଷତି ହେବ। ୨୦୨୪ ଓ ୨୦୨୫ ରାଜ୍ୟରେ କୌଣସି ଅଜଣା ରୋଗରେ ଛୋଟ ପିଲାମାନେ ସଂକ୍ରମିତ ହେବାର ଜଣାପଡୁଛି। ରାଜ୍ୟର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲହାନି ହେବା ସହ ଯାନବାହନ ଦୁର୍ଘଟଣାଜନିତ ମୃତ୍ୟୁହାର ବୃଦ୍ଧି ହେବ। ଛାତ୍ର ଓ କର୍ମଚାରୀଙ୍କ ଆନ୍ଦୋଳନ ସହ ଅର୍ଥନୈତିକ ବିପର୍ଯ୍ୟୟ ଘଟିବ। କୃଷି କ୍ଷେତ୍ରରେ ସାମ୍ପ୍ରତିକ ଉନ୍ନତି ହେଲେ ମଧ ଜଳ ସଙ୍କଟ ଯୋଗୁ ଚାଷୀମାନେ ଅନେକ ସମୟରେ ଅସନ୍ତୁଷ୍ଟ ହୋଇପାରନ୍ତି।

**– କମଳ ଲୋଚନ ଦାଶ, ଜ୍ୟୋତିଷ ବିଶାରଦ, ବାରକୋଟ, ଦେବଗଡ଼**

## ରୁଷିଆ ମୁଣ୍ଡ ନୁଆଁଇବ



ଭାରତର ରାଜନୈତିକ ପଦକ୍ଷେପ ବିଶ୍ୱରେ ପ୍ରଶଂସା ସାଉଁଟିବ। ଅର୍ଥନୈତିକ ସ୍ଥିତିକୁ ପର୍ଯ୍ୟାଲୋଚନା କଲେ ରାଜନୈତିକ ବ୍ୟକ୍ତିବିଶେଷ, ଅମଲାତନ୍ତ୍ର ଏବଂ ଶିଳ୍ପପତିମାନେ ଆପୋସ ବୁଝାମଣା କରି ସ୍ଥିତି ସୁଦୃଢ଼ କରି ନେବେ। ଭାରତ ବାହାରୁ କିଛି ଅର୍ଥ ଆସିବ। ସେହିପରି କେତେଜଣ ପୁଞ୍ଜିପତିଙ୍କର ଅର୍ଥରାଶି ଭାରତୀୟ ବିତ୍ତୀୟ ସଂସ୍ଥାରେ ମିଶିବ। ଏଣୁ ଆର୍ଥିକ ସ୍ଥିତି ସମାନୁପାତିକ ହେବ। ଓଡ଼ିଶାରେ ଆଗକୁ ଏକ ଝୁଲନ୍ତା ରାଜନୀତି ହୋଇଯିବ। ଆର୍ଥିକ, ରାଜନୈତିକ, ପ୍ରଶାସନିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ କ୍ଷେତ୍ରରେ ଓଡ଼ିଶାବାସୀଙ୍କ ପାଇଁ ସେତେଟା ଭଲ ହେବ ନାହିଁ। ବର୍ତ୍ତମାନ ମାଳିକା ଅନୁସାରେ ମୀନ ଶନି ଯୁକ୍ତ। ଏଣୁ ଦେଶ ଓ ରାଜ୍ୟ ପାଇଁ ପ୍ରତି ମାସରେ କିଛି ନା କିଛି ଦୈବୀ ଦୁର୍ବିପାକ ୨୦୨୪ ପର୍ଯ୍ୟନ୍ତ ଲାଗି ରହିବ। କୃଷି କ୍ଷେତ୍ରରେ ବୈଜ୍ଞାନିକମାନେ ଯେତେ ଉଦ୍ୟମ କଲେ ମଧ ଦୈବୀ ଦୁର୍ବିପାକ ଯୋଗୁ ଚାଷୀମାନଙ୍କ ମଧରେ ନିରୁତ୍ସାହିତ ଭାବ ଦେଖାଦେବ। ବିଶ୍ୱରେ ଶସ୍ୟହାନି ଘଟିବ। ଭାରତରେ ତଦନୁରୂପ ପ୍ରଭାବ ପଡ଼ିବ। ଚାଷୀମାନେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ରହିବେ। କରୋନା ଯେପରି ଆମ୍ଭମାନଙ୍କୁ ଶାନ୍ତିରେ ଶୁଆଇ ଦେଲାନାହିଁ। ସେହିଭଳି ୨୦୨୩ ଓ ୨୦୨୪ରେ ଦୁଇ ପ୍ରକାର ଭୂତାଣୁ ଆକ୍ରମଣାତ୍ମକ ହୋଇ ପ୍ରବେଶ କରିବେ। ହାର୍ଟ, କିଡ୍‌ନୀ, ଲଙ୍ଗସ୍, ବ୍ରେନ ଏହାର ପ୍ରଭାବରେ ଅକାମୀ ହୋଇଯିବ। ଏହାର ନିଦାନ ଡାକ୍ତରମାନେ କରିପାରିବେ ନାହିଁ। ବର୍ତ୍ତମାନ ରୁଷିଆ ଓ ୟୁକ୍ରେନ ଯୁଦ୍ଧ ଚାଲିଛି। ଅତି ଗର୍ବେ ହତ ଲଙ୍କା ପୂର୍ବକ ୟୁକ୍ରେନକୁ ୭ ଗୋଟି ଦେଶ ସହଯୋଗ କରିବେ। ଫଳରେ ରୁଷିଆ ମୁଣ୍ଡ ନୁଆଇବା ପାଇଁ ବାଧ ହେବ। ଆପୋସ ସମାଧାନ ପୂର୍ବକ ଓହରିଯିବ। ମେଷଠାରୁ ମୀନ ପର୍ଯ୍ୟନ୍ତ ଅନୁଧ୍ୟାନ କଲେ ବହୁ ବ୍ୟକ୍ତିବିଶେଷଙ୍କର ରାହୁ ମହାଦଶା, ଶନି ମହାଦଶା, କେତୁ ମହାଦଶା ପଡୁଛି। ମୋଟାମୋଟି ଭାବେ ସମସ୍ତେ ବର୍ତ୍ତମାନ ନିରାନନ୍ଦରେ ଜୀବନଯାପନ କରୁଛନ୍ତି। ସତେ ଯେମିତି ମଣିଷ ମାନସିକ ପଙ୍ଗୁ ପାଲଟିଯାଇଛି। ଆନନ୍ଦ, ଶାନ୍ତି ଓ ଭ୍ରାତୃଭାବ ଦୂରେଇ ଯାଇଛି। ସଦ୍‌ଗୁରୁଙ୍କ ପରାମର୍ଶ, ଆଧାତ୍ମିକ ଏବଂ ସାତ୍ତ୍ୱିକ ଜୀବନଯାପନ ଶାନ୍ତି ଦେବ।

**–ଜ୍ୟୋତିର୍ବିଦ୍ ମନୋଜ କୁମାର ଦାଶ, ଖଣ୍ଡପଡା ସାମନ୍ତ ଛକ, ନୟାଗଡ଼**

## ଓଡ଼ିଶାରେ ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ



ଭାରତର ଅର୍ଥନୀତି ଆଗାମୀ ଦିନରେ ସଦୃଢ଼ ହେବ। ବର୍ତ୍ତମାନର ସରକାରଙ୍କ ହିଁ ଆଧିପତ୍ୟ ବଜାୟ ରହିବ। ଓଡ଼ିଶାରେ ଶାସକ ଦଳର ସ୍ଥିତି ଭଲ ରହିବ। ଓଡ଼ିଶାର ଅର୍ଥନୀତି ମଧମ ସ୍ଥିତିରେ ରହିବ, ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ। ୨୦୨୪- ୨୦୨୫ରେ ଦେଶରେ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେବ। ବନ୍ୟା, ବାତ୍ୟା, ଭୂକମ୍ପ ଭଳି ବିପର୍ଯ୍ୟୟ ବଢ଼ିବ, ଯାହାକି ଦେଶର ଆର୍ଥିକ ମାନଦଣ୍ଡକୁ ଦୋହଲାଇ ଦେବ। ବିମାନ ଓ ରେଳ ଦୁର୍ଘଟଣା ସଂଖ୍ୟା ମଧ ବୃଦ୍ଧି ପାଇବ। ବିଶିଷ୍ଟ ରାଜନେତାଙ୍କ ବିୟୋଗ ଘଟିବ। ରାଜ୍ୟରେ ମହାବାତ୍ୟା ଭଳି ପରିସ୍ଥିତି ଉପୁଜିବ। ଜଳବାୟୁ ପରିବର୍ତ୍ତନର ପରିସ୍ଥିତି ଗମ୍ଭୀର ଭାବରେ ଦେଖାଦେବ। କୃଷି କ୍ଷେତ୍ରରେ ଦେଶ ଅତ୍ୟନ୍ତ ପ୍ରଭାବିତ ହେବ। କୃଷକଙ୍କ ଆୟ କମିବ। ଉତ୍ପାଦନ ପରିମାଣ ହ୍ରାସ ପାଇବ। ସାଧାରଣ ବର୍ଗର ଲୋକଙ୍କ ପାଇଁ ଆଗାମୀ ପାଞ୍ଚବର୍ଷରେ ଚଳିବା କଷ୍ଟସାଧ ହେବ। ଦରଦାମ ବୃଦ୍ଧି ସାଧାରଣ ଲୋକଙ୍କୁ ଅଧିକ ପ୍ରଭାବିତ କରିବ। ଯୋଜନା ମୁତାବକ କାର୍ଯ୍ୟ ନ ପାଇ ଅସନ୍ତୋଷ ସୃଷ୍ଟି ହେବ, ରୋଜଗାର ହ୍ରାସ ଯୋଗୁ ପରିବାରର ବୋଝ ବଢ଼ିବ। ସେହିପରି କରୋନା ଭଳି ନୂଆ ନୂଆ ରୋଗ ପୃଥିବୀରେ ବ୍ୟାପିବ, ଯାହା ଦ୍ୱାରା ଆମ ଦେଶ ମଧ ପ୍ରଭାବିତ ହେବ। ରୁଷିଆ-ୟୁକ୍ରେନ୍ ମଧରେ ରାଜନୈତିକ ବୁଝାମଣା ହେବ। ୟୁକ୍ରେନ୍ ଆତ୍ମସମର୍ପଣ ପାଇଁ ବାଧ ହେବ, ଯୁଦ୍ଧ ବନ୍ଦ ହେବ।

**–ପଣ୍ଡିତ ସୁଦର୍ଶନ ତ୍ରିପାଠୀ, ପାଞ୍ଜି ଗଣନାକାର, ପାରଳାଖେମୁଣ୍ଡି**

## ସାଧାରଣ ରୋଗ ଭାବେ ରହିଯିବ କରୋନା



ଭାରତର ଅର୍ଥନୀତିରେ କୌଣସି ଅବନତି ଘଟିବ ନାହିଁ। ରାଜନୀତି କ୍ଷେତ୍ର ଠିକ୍ ରହିବ। ବିରୋଧୀ ଗୋଷ୍ଠୀ ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା କରିବେ, ଜନମତ ହାସଲ କରିପାରିବେ ନାହିଁ। କେନ୍ଦ୍ର ସରକାରଙ୍କ ପ୍ରତି କୌଣସି ବିପଦ ନାହିଁ। ଓଡ଼ିଶାରେ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ରାଜନୀତି କ୍ଷେତ୍ରରେ ଆଗାମୀ ୫ ବର୍ଷ ପାଇଁ ସରକାର ପରିବର୍ତ୍ତନ ହେବ ନାହିଁ। ବର୍ତ୍ତମାନର ସରକାର ପୁଣି କ୍ଷମତାକୁ ଆସିବ। ସେହିପରି ଦେଶରେ ସେଭଳି କିଛି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ସ୍ଥିତି ସୃଷ୍ଟି ହେବ ନାହିଁ। ସାମୟିକ ବନ୍ୟା ହେଲେ ବି ଉଦ୍‌ବେଗଜନକ ହେବନାହିଁ। କୃଷି କ୍ଷେତ୍ରରେ ଉନ୍ନତି ହେବ। କୃଷକଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଲ୍ଲେଖନୀୟ ପଦକ୍ଷେପ ନେବେ। କରୋନା ସାଧାରଣ ରୋଗ ଭଳି ସ୍ଥିତିରେ ରହିବ। ଆଉ କୌଣସି ନୂତନ ପ୍ରାଣଘାତକ ମହାମାରୀର ଆଶଙ୍କା ନାହିଁ। ଅନ୍ୟପକ୍ଷରେ ରୁଷିଆ-ୟୁକ୍ରେନ ଯୁଦ୍ଧର ଅବସାନ ଘଟିବ। ଆଗାମୀ ୩ ମାସ ମଧରେ ଯୁଦ୍ଧର ଗତିଶୀଳତା କମିଯିବ।

**–ଜ୍ୟୋତିର୍ବିଦ୍ ଡ.ନିର୍ମଳ ଚନ୍ଦ୍ର ମିଶ୍ର, ବାଲିଗୁଡ଼ା, କନ୍ଧମାଳ**

## ବିଶ୍ୱ ଯୁଦ୍ଧରେ ଭାରତ କ୍ଷତିଗ୍ରସ୍ତ ହେବ



ଭାରତର ଲଗ୍ନ-ବୃଷ, ରାଶି-କର୍କଟ ଓ ନକ୍ଷତ୍ର-ପୁଷ୍ୟା। ଭାରତ ଯେତେବେଳେ ସ୍ୱାଧୀନତା ପାଇଲା ସେ ସମୟରେ କାଳସର୍ପ ଯୋଗ ବିଦ୍ୟମାନ ଥିଲା ଏବଂ ପଞ୍ଚଗ୍ରହ କୂଟ କର୍କଟ ରାଶିରେ ଥିଲା। ତେଣୁ ଭାରତ ସ୍ୱାଧୀନ ହେବା ପରଠାରୁ କେବେ ମଧ ସ୍ୱାବଲମ୍ବୀ ହୋଇପାରୁନାହିଁ। ଅର୍ଥ କ୍ଷେତ୍ରରେ ମଙ୍ଗଳ ବିଦ୍ୟମାନ, ମଙ୍ଗଳ ଏକ ପାପଗ୍ରହ ତେଣୁ ଅର୍ଥନୈତିକ ସମୃଦ୍ଧି ହୋଇ ପାରୁନାହିଁ । ରାଜନୀତି କ୍ଷେତ୍ରରେ ବୃହସ୍ପତି ବିଦ୍ୟମାନ ଥିବାରୁ ରାଜନୈତିକ ପରିବର୍ତ୍ତନ ଘଟି ଭାରତ ଅଗ୍ରଗାମୀ ହେଉଛି। ୧୧।୯।୨୦୨୫ ପର୍ଯ୍ୟନ୍ତ ଭାରତର ଚନ୍ଦ୍ର ମହାଦଶା ଚାଲୁଛି। ସେ ପର୍ଯ୍ୟନ୍ତ ଭାରତର ରାଜନୀତିରେ ବା ଅର୍ଥନୀତିରେ କୌଣସି ପରିବର୍ତ୍ତନ ହେବ ନାହିଁ। ତା'ପରେ ଏକ ବିଶ୍ୱ ଯୁଦ୍ଧରେ ଭାରତ ପକ୍ଷଭୁକ୍ତ ହୋଇ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ଭାରତକୁ ବହୁ ଆର୍ଥିକ କ୍ଷତି ସହିବାକୁ ପଡ଼ିବା ଆଶଙ୍କା ରହିଛି। ଅପରପକ୍ଷରେ ଆସନ୍ତା ଦୁଇ ବର୍ଷ ପରେ ଓଡିଶାର ଆର୍ଥିକ ସ୍ଥିତି ଦୋହଲିଯିବ। ରାଜନୀତି କ୍ଷେତ୍ରରେ ପରିବର୍ତ୍ତନ ଘଟିବ। ଦରବୃଦ୍ଧି ଯୋଗୁ ଜନସାଧାରଣ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦାୟୀ କରି ଅସନ୍ତୁଷ୍ଟ ରହିବେ। ୧୦।୧୨।୨୦୨୨ରୁ ୧୧।୭।୨୦୨୩ ମଧରେ ଚନ୍ଦ୍ର ମହାଦଶାରେ କେତୁ ଅନ୍ତର୍ଦ୍ଦଶା ଚାଲିବାକୁ ଥିବାରୁ ବହୁ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଘଟିବ। ମହାବାତ୍ୟା, ଅତ୍ୟନ୍ତ ଗ୍ରୀଷ୍ମ ପ୍ରବାହ, ଭୂକମ୍ପ ଆଦି ଦେଖାହେବ। ୮।୩।୨୦୨୫ ଠାରୁ ରକ୍ତ ଚନ୍ଦ୍ର ମହାଦଶାରେ ରବି ଅନ୍ତର୍ଦ୍ଦଶା ରହିବା କାରଣରୁ କୃଷି କ୍ଷେତ୍ର ପାଣିପାଗ ଦ୍ୱାରା ବିଶେଷ ପ୍ରଭାବିତ ହେବା ଆଶଙ୍କା ରହିଛି। ସେହିପରି ଷଷ୍ଠ ସ୍ଥାନରେ ବୃହସ୍ପତି, ଷଷ୍ଠାଧିପତି ଶୁକ୍ର ଅସ୍ତ। ଏପରିସ୍ଥିତିରେ ମହାମାରୀ ଆଶଙ୍କା ରହୁଛି। କିନ୍ତୁ ବୃହସ୍ପତିଙ୍କ କୃପାରୁ ମହାମାରୀ ସେତେ ବ୍ୟାପିବ ନାହିଁ। କାରଣ ବୃହସ୍ପତି ଏକ ଶୁଭଫଳ ପ୍ରଦାୟକ ଗ୍ରହ। ଯଦିଓ ବିଶ୍ୱରେ ମହାମାରୀ ଦେଖାଦେବ, ତଥାପି ଭାରତରେ ତାହା ଏତେ ମାତ୍ରାରେ କ୍ଷୟକ୍ଷତି କରିପାରିବ ନାହିଁ। ସୃଷ୍ଟାରମ୍ଭ ଜାତକ ଅନୁସାରେ ଯାହା ଜଣାପଡୁଛି ରୁଷିଆ-ୟୁକ୍ରେନ ଯୁଦ୍ଧ ୨୦୨୫ ମସିହା ଶେଷ ପର୍ଯ୍ୟନ୍ତ ଲାଗି ରହିବ। ଶେଷରେ ଏକ ବିଶ୍ୱ ଯୁଦ୍ଧ ହୋଇ ସମାପ୍ତ ହେବ।

**– ମେଡେନ୍ କୁମାର ବିଶି, ଜ୍ୟୋତିର୍ବିଦ୍ ତଥା ଜଣାଶୁଣା ପାଞ୍ଜି ଗଣକ, ସୋନପୁର**

## କୂଟନୀତିରେ ଭାରତ ଦୃଢ଼ ହେବ



ସ୍ୱାଧୀନ ଭାରତର କୁଣ୍ଡଳୀରୁ ଜଣାଯାଏ ଯେ ବୃଷ ଲଗ୍ନରେ ରାହୁ ଉଚ୍ଚସ୍ଥ, ମିତ୍ର ଗୃହୀ, ଏଣୁ ବଳବାନ। ନାଗରିକ ସଂଘର୍ଷମୟ ଜୀବନ ପାଇବେ। ଦ୍ୱିତୀୟତଃ ମଙ୍ଗଳ ଭୂମିପୁତ୍ର। ପାରମ୍ପରିକ କୃଷି କ୍ଷରଣ ହେତୁ କ୍ଷେତ୍ର ଦୁର୍ବଳ ହେବ। ଷଷ୍ଠସ୍ଥ ବୃହସ୍ପତି ଶତ୍ରୁଗୃହୀ। କୂଟନୀତିରେ ଭାରତ ଦୃଢ଼ ହେବ। କାର୍ମେଶ ଶନି ଶତ୍ରୁ ଗୃହୀ। ଦେଶରେ ଆଳସ୍ୟ ବିରାଜମାନ କରିବ। ଏକତ୍ର ପଞ୍ଚଗ୍ରହଙ୍କ ସ୍ଥିତିରେ କୁଟୁମ୍ବଭାବ ଆଧାରରେ ଭାରତ ପୃଥିବୀର ନେତୃତ୍ୱ ନେବ। ପେଟ୍ରୋଲ ଭଳି ଅତି ଆବଶ୍ୟକ ପଦାର୍ଥର ମୂଲ୍ୟ ବଢ଼ିବ ଓ ଏହାଦ୍ୱାରା ଅର୍ଥନୀତି ବାଧିତ ହେବ। ରାଜନୀତି କ୍ଷେତ୍ରରେ କେନ୍ଦ୍ରୀୟ ଓ କ୍ଷେତ୍ରୀୟ ବିଚାର ଦୃଢ଼ ହେବ। କେନ୍ଦ୍ର ବ୍ୟାପକ ବିକାଶ ମାର୍ଗରେ ସାମୂହିକ ଉତ୍‌ଥାନ କଲା ବେଳେ କ୍ଷେତ୍ରୀୟ ଲୋଭନୀୟ ବସ୍ତୁ ବିନିମୟରେ ଜନସେବା କରିବ। ଏହାଦ୍ୱାରା ସାମାଜିକ ଜୀବନଚର୍ଯ୍ୟା ବଢ଼ିବ, ଜିଡିପିର ଦୁର୍ବଳ ସ୍ଥିତି ରହିବ। ଚତୁର୍ଥରେ ଗୁରୁଚାନ୍ଦ୍ରୀ ଯୋଗ ହେତୁ ରାଷ୍ଟ୍ର ସୁଖଦ ଜୀବନ ପାଇବ। ଓଡ଼ିଶାର ଜୀବନଧାରାରେ ମହିଳା ସଶକ୍ତୀକରଣ ହେତୁ ସାମାଜିକ ସଂଗଠନ ସରକାରଙ୍କ ସହଭାଗିତାରେ ଶାନ୍ତି ଆଣିବ। ଅସମାନତା ବର୍ଷା, ବାତ୍ୟା, ବନ୍ୟା, ମରୁଡି ରାଷ୍ଟ୍ର ତଥା ଓଡିଶାରେ ମଧ ଦେଖିବାକୁ ମିଳିବ। ଜଙ୍ଗଲ ପଦା ହେତୁ ରତ୍ନଗର୍ଭା ଭୂମି ଅନୁର୍ବର ରହୁଛି। ସିଂହ, ହାତୀ, ଚିତା, ବିଲୁଆ ଭଳି ପଶୁଙ୍କ ଓ ଦୂଷିତ ସାର ପ୍ରୟୋଗ ଦ୍ୱାରା ଜିଆ, ବେଙ୍ଗ, ଚଟୁଆ, ଶାଗୁଣା ଭଳି ଉପକାରୀ ପ୍ରାଣୀଙ୍କ ନିଃଶେଷ ସ୍ଥିତି ହେତୁ ଆଗାମୀ ଦିନରେ ଦେଶରେ କୃଷିକ୍ଷେତ୍ର ପ୍ରଭାବିତ ହେବ। ମଙ୍କିଫକ୍ସ ଭଳି ଅଦ୍ଭୁତ ରୋଗ ଜାତ ହେବ ଓ ପ୍ରୟୋଗାତ୍ମକ ଚିକିତ୍ସା ଦ୍ୱାରା ମୃତ୍ୟୁହାର ବିଶ୍ୱରେ, ରାଷ୍ଟ୍ରରେ ଓ ପ୍ରଦେଶରେ ଦୃଷ୍ଟିଗୋଚର ହେବ। ରୁଷିଆ, ୟୁକ୍ରେନ ଯୁଦ୍ଧ ଘଟଣା ବଢ଼ି ଚାଲିବ। ୟୁକ୍ରେନର ଅହମିକା ପାଇଁ ଧନଜୀବନ କ୍ଷରଣ ହେବ। ରୁଷିଆ- ୟୁକ୍ରେନ ମଧରେ ଚାଲିଥିବା ଯୁଦ୍ଧ ଅକ୍ଟୋବର ଶେଷ ବେଳକୁ ସମାପ୍ତ ହେବ। ପ୍ରତାରଣା ଦ୍ୱାରା ୟୁକ୍ରେନ ଦବିବ।

**–ଟୀକେଶ୍ୱର ଗୁରୁ, ସେନାନିବୃତ୍ତ ଜ୍ୟୋତିଷାଧ୍ୟାପକ, ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟ, ବଲାଙ୍ଗୀର**

## ଦେଶରେ ମିଳିତ ସରକାର ଗଠନ ହେବ



ଆସନ୍ତା ୫ ବର୍ଷ ଦେଶର ଅର୍ଥନୀତିରେ ପ୍ରଗତି ହେବ। ରାଜନୀତିରେ ମିଳିତ ସରକାର ଗଠନ ହେବ। ଓଡ଼ିଶାରେ ଛୋଟ ମୋଟ ରାଜନୈତିକ ସଙ୍କଟ ସୃଷ୍ଟି ହେଲେ ସୁଦ୍ଧା ସ୍ଥିର ସରକାର ରହିବ। ୨୦୨୪ରେ ମରୁଡ଼ି, ୨୦୨୫ରେ ମହାବାତ୍ୟା, ୨୦୨୬ରେ ଭୂତାଣୁଜନିତ ମହାମାରୀ ଆଶଙ୍କା ରହିଛି। ବର୍ଷାରେ ଅନିୟମିତତା ଯୋଗୁ ଚାଷ ପ୍ରଭାବିତ ହେବ। ଦେଶ ତଥା ରାଜ୍ୟରେ ଉତ୍ପାଦନ ହ୍ରାସ ପାଇବ। ସ୍ୱଳ୍ପମିଆଦୀ ଚାଷ ହେବ, ଦୀର୍ଘମିଆଦୀରେ ବିଫଳ ରହିବ। ୨୦୨୩ରେ ଭାରତର ହସ୍ତକ୍ଷେପ ପରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ସମାଧାନ ହେବ। ରାଶିଫଳ ଅନୁଯାୟୀ ସାଧାରଣ ଲୋକ ଖାଉଟି ସାମଗ୍ରୀର ଅଭାବ ଯୋଗୁ ଏବଂ ଅହେତୁକ ଦରବୃଦ୍ଧି ପାଇଁ ବିଶେଷ ପ୍ରଭାବିତ ହେବେ। ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେବ।

**–ଜ୍ୟୋତିର୍ବିଦ୍ ତ୍ରିଲୋଚନ ପାଳ, ଖଲ୍ଲିକୋଟ, ଗଞ୍ଜାମ**

## ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧିବ



ଆଗାମୀ ୫ ବର୍ଷରେ ଦେଶର ରାଜନୀତି କ୍ଷେତ୍ରରେ ବହୁ ବିଶୃଙ୍ଖଳା ଦେଖାଦେଇପାରେ। ପଦବୀ ପାଇଁ ନିଜ ନିଜ ମଧରେ ସଂଘର୍ଷ ଓ ଟଣାଓଟରା ଲାଗିରହିବ। ଏକଛତ୍ରବାଦ ଶାସନ ଆଶା ରଖି ଦଳୀୟ ବିଭାଜନ ହେବା ଆଶଙ୍କା ଅଛି। ଆର୍ଥିକ ସ୍ଥିତିର ମାନ ବଦଳିବ। ଲୁଟ୍, ଶୋଷଣ ବିଭିନ୍ନ ଦେଣନେଣ କାରବାର ଚାଲିବ। ଅର୍ଥ ସଙ୍କଟ କୃତ୍ରିମ ଭାବରେ ସୃଷ୍ଟି ହେବାର ଆଶଙ୍କା ରହିଛି। ଓଡ଼ିଶାର ସ୍ଥିତି ସେତେ ଭଲ ରହିବ ନାହିଁ। ଖାଦ୍ୟାଭାବ, ଦରଦାମ ବୃଦ୍ଧି, ରାଜନୀତି କ୍ଷେତ୍ରରେ ଅଦଳବଦଳ, ରାଜନୀତିରେ ଭ୍ରଷ୍ଟାଚାର ଆଶଙ୍କା କରାଯାଉଛି। ରତ୍ନ ଓ ଧାତୁର ମୂଲ୍ୟ ବିଶ୍ୱ ସ୍ତରରେ ହ୍ରାସ ପାଇପାରେ। ଘନ ଘନ ଭୂସ୍ଖଳନ, ବାତ୍ୟା, ମରୁଡ଼ି, ଅଦିନ କୁହୁଡ଼ି, ଅସାମାଜିକ କାର୍ଯ୍ୟ, ଅଗ୍ନି ପ୍ରବାହ ବଢ଼ିବା ଆଶଙ୍କା ରହିଛି। (ଦକ୍ଷିଣ-ପଶ୍ଚିମ)ନୈରତ-ପଶ୍ଚିମାଞ୍ଚଳରେ ହିଂସାକାଣ୍ଡ, ଗୋଳାବାରୁଦ କାରବାର, ହତ୍ୟା ଆଦି ଦେଖାଦେବ। ଭାରତ ଅନ୍ୟ ଦେଶଗୁଡ଼ିକୁ ସାହାଯ୍ୟ କରିବାର ଆଶା ରଖି ବିଫଳ ହେବ। ଘୂର୍ଣ୍ଣିଝଡ଼, ସମୁଦ୍ର କୂଳ ଲଙ୍ଘିବାର ଆଶଙ୍କା ରହିଛି। କୃଷିଜାତ ଦ୍ରବ୍ୟ ଉତ୍ପାଦନରେ ବ୍ୟାଘାତ, ଉତ୍ପାଦନ ହ୍ରାସ ଓ ଉଚ୍ଚ ମୂଲ୍ୟରେ ବିକ୍ରି, ବେପାରୀମାନଙ୍କ ମଧରେ ଅବିଶ୍ୱାସ, ବାଣିଜ୍ୟରେ ଅବନତି ଓ ଆମଦାନୀ ରପ୍ତାନିରେ ବ୍ୟାଘାତ ଘଟିବା ଆଶଙ୍କା ଅଛି। ମହାମାରୀ ଆଶଙ୍କା ଯଦିଓ ସେତେ ଭୟଙ୍କର ନାହିଁ, କିନ୍ତୁ ମୃତ୍ୟୁ ହାର, ଅପମୃତ୍ୟୁର ସଂଖ୍ୟା ବଢ଼ିବ। ଚର୍ମ, ମସ୍ତିଷ୍କ, ଗଳା ରୋଗର ମାତ୍ରା ବଢ଼ିବା ଜଣାଯାଏ ଏବଂ ବିଭିନ୍ନ ଅକାଳ ମୃତ୍ୟୁ ଘଟିବା ଆଶଙ୍କା ରହିଛି। ରୁଷିଆ ଓ ୟୁକ୍ରେନ୍ ଯୁଦ୍ଧକୁ ଭିତ୍ତିକରି ସମଗ୍ର ବିଶ୍ୱରେ ଅନେକ କୁପ୍ରଭାବ ପଡ଼ିବ। ଦେଶ ଦେଶ ମଧରେ ମିତ୍ରତା ପ୍ରତ୍ୟକ୍ଷ ଭାବରେ ନଷ୍ଟ ହେବ। ବହୁମୁଖୀ ରାଷ୍ଟ୍ର ବିପ୍ଲବର ଆଶଙ୍କା ଘଟିପାରେ। ଆଗାମୀ ୫ ବର୍ଷରେ ସାଧାରଣ ଲୋକ ଅନେକ ମାତ୍ରାରେ ପ୍ରଭାବିତ ହେବେ। ଖାଦ୍ୟାଭାବ, ବିଭିନ୍ନ ଶିଶୁ ରୋଗ, ଶିକ୍ଷା କ୍ଷେତ୍ରରେ ବାଧା ଉପୁଜିପାରେ। ଆଧାତ୍ମିକ ଅନୁଷ୍ଠାନରେ ପ୍ରବୃତ୍ତ ହେବା, ଦୈବୀ ଉପାସନା କରିବା, ଆରାଧ ଦେବଦେବୀଙ୍କର ପୂଜାର୍ଚ୍ଚନା କରିବା ପ୍ରୟାସ ଜାରି ରଖିଲେ ମଙ୍ଗଳ ହେବ।

**–ଜ୍ୟୋତିଷାଚାର୍ଯ୍ୟ ହିମାଂଶୁ ଭୂଷଣ ମହାପାତ୍ର, ବରୁହାଁ, କବିରପୁର, ଯାଜପୁର**

## ଆଗାମୀ ୨ ବର୍ଷ ମୁଦ୍ରାସ୍ଫୀତି ଚିନ୍ତା



ବର୍ତ୍ତମାନ ସମ୍ବତ ୨୦୭୯ ଚାଲୁଛି। ଏହି ସମ୍ବତ୍ସରର ନାଁ ନଳ ଏବଂ ଏହାର ଅଧିପତି ଶୁକ୍ର। ଏହି ସମ୍ବତରେ ବିଶ୍ୱବାସୀ ଆର୍ଥିକ ପତନ, ଯୁଦ୍ଧ ଏବଂ ଅଗ୍ନି ସମ୍ବନ୍ଧୀୟ ଭୟ ଅନୁଭବ କରିବେ। ଜନସାଧାରଣ କର୍ମକ୍ଷେତ୍ରରେ ବାଧାବିଘ୍ନର ସମ୍ମୁଖୀନ ହେବେ। ବିଶ୍ୱସ୍ତରରେ ବାଣିଜ୍ୟ ବ୍ୟବସାୟରେ ବାଧା ଉପୁଜିବାର ଆଶଙ୍କା ରହିଛି। ଆମଦାନୀ ଏବଂ ରପ୍ତାନି ବାଧାପ୍ରାପ୍ତ ହେବ। ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ମଧରେ ଶକ୍ତି ପ୍ରଦର୍ଶନ ଏବଂ ଯୁଦ୍ଧ ଭୟ ରହିବ। କରୋନା ଭଳି ଅନ୍ୟ କୌଣସି ମହାମାରୀର ଆଶଙ୍କା ନାହିଁ। ପୃଥିବୀର ମୁଖ୍ୟ ଦେଶଗୁଡ଼ିକ ମଧରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିବ। ଭାରତର ଶାନ୍ତି ପ୍ରତିଷ୍ଠା ଦିଗରେ ବିଶ୍ୱ ଆସ୍ଥା ପ୍ରକଟ କରିବ। ରୁଷିଆ ଏବଂ ୟୁକ୍ରେନ ଯୁଦ୍ଧ ବିରତି ପାଇଁ ବିଳମ୍ବ କରିବେ ଏବଂ ଯୁଦ୍ଧ ୨୦୨୨ ଶେଷପର୍ଯ୍ୟନ୍ତ ବଳବତ୍ତର ରହିବ। ଆସନ୍ତା ୫ ବର୍ଷ ମଧରେ ବିଶ୍ୱରେ ବିଭିନ୍ନ ଉତ୍‌ଥାନ ପତନ ସତ୍ତ୍ୱେ ଭାରତର ଆର୍ଥିକ ସ୍ଥିତି ସୁଦୃଢ ରହିବ। ମୁଦ୍ରାସ୍ଫୀତି ଯୋଗୁ ପ୍ରଜାମାନଙ୍କ ପାଇଁ ଆଗାମୀ ୨ ବର୍ଷ ମୁଣ୍ଡବିନ୍ଧାର କାରଣ ହୋଇପାରେ। ଅନ୍ତର୍ଜାତୀୟ କ୍ଷେତ୍ରରେ ଭାରତ ନିଜର ସ୍ଥିତି ବଜାୟ ରଖିବା ସହିତ ସମ୍ମାନ ବୃଦ୍ଧି କରିବ। ମହାକାଶ ଗବେଷଣା ଏବଂ ଭେଷଜ ବିଜ୍ଞାନ କ୍ଷେତ୍ରରେ ଆଲୋଡ଼ନ ସୃଷ୍ଟି ହେବ। ରାଜନୈତିକସ୍ତରରେ ବିରୋଧୀ ଶକ୍ତିମାନଙ୍କ ଏକତା ନୂତନ ସମୀକରଣ ସୃଷ୍ଟି କରିବ। ବିଶ୍ୱ ଜଳବାୟୁରେ ପରିବର୍ତ୍ତନ ଦ୍ୱାରା ଭାରତର କୃଷି ବାଧାପ୍ରାପ୍ତ ହେବ। ଓଡ଼ିଶାରେ ଯୁବଶକ୍ତିମାନେ ବିଜ୍ଞାନ, କମ୍ପ୍ୟୁଟର, ଅର୍ଥନୀତି, କ୍ରୀଡା ଏବଂ ଭେଷଜ ବିଜ୍ଞାନ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ମଧ ସରକାରଙ୍କ ଉପଯୁକ୍ତ ପଦକ୍ଷେପ ଦ୍ୱାରା ଜନସାଧାରଣଙ୍କୁ ଆଶ୍ୱସ୍ତି ମିଳିବ। ବିଶ୍ୱର ଜଳବାୟୁରେ ପରିବର୍ତ୍ତନ ଯୋଗୁ ଭାରତ ଏବଂ ଓଡ଼ିଶାର କୃଷି ୭% ପ୍ରଭାବିତ ହେବା ଆଶଙ୍କା ରହିଛି।

**–ଜ୍ୟୋତିର୍ବିଦ୍ ମନୋରଞ୍ଜନ ପୃଷ୍ଟି, ଜୋତ, ଅଲଣାହାଟ, ଜଗତ୍‌ସିଂହପୁର**

## ବିଶ୍ୱ ପାଣିପାଗ ଅବସ୍ଥାରେ ଜଟିଳ ପରିସ୍ଥିତି



ଭାରତରେ ଆଗାମୀ ୨ବର୍ଷ ଅର୍ଥନୀତି ପାଇଁ ଅନୁକୂଳ ସମୟ ରହିଛି। ଅର୍ଥନୈତିକ ପ୍ରଗତି ଓ ବିକାଶର ଧାରା ସୁଗମ ହେବ। ରାଜନୈତିକ ସ୍ଥିରତା ବୃଦ୍ଧି ପାଇବ। ତେବେ ୨୦୨୫ ବେଳକୁ ବିଭିନ୍ନ ରାଜ୍ୟ ତଥା ଆଞ୍ଚଳିକସ୍ତରରେ ରାଜନୈତିକ ଅସ୍ଥିରତା ଦେଖାଦେବ। ଓଡ଼ିଶାରେ ନୂତନ ନେତୃତ୍ୱ ସୃଷ୍ଟିର ସମ୍ଭାବନା ୨୦୨୫ରେ ଦେଖାଦେବ। ସେହିପରି ଆଗାମୀ ଦିନରେ ବାୟୁଜନିତ ବାତ୍ୟାର ପ୍ରକୋପ ବୃଦ୍ଧି ପାଇବ। ଘୂର୍ଣ୍ଣିଝଡ଼, ବାତ୍ୟା ଦେଖାଦେବ। ତେବେ ଜଳ ପ୍ଲାବନର ଆଶଙ୍କା କମ୍ ରହିବ। ୨୦୨୫ରେ ବନ୍ୟାର ପ୍ରକୋପ ଦେଖାଦେବ। ୨୦୨୭ରେ ଅଗ୍ନିଜନିତ ବିପର୍ଯ୍ୟୟରେ ସୂର୍ଯ୍ୟଙ୍କ ଉତ୍ତାପ ଓ ଅଗ୍ନିକାଣ୍ଡ ଦେଖାଦେବ। ଆଗାମୀ ପାଞ୍ଚବର୍ଷ ପାଇଁ ବିଶ୍ୱ ପାଣିପାଗ ଅବସ୍ଥାରେ ଅଧିକ ଜଟିଳ ପରିସ୍ଥିତି ଦେଖାଦେବ। ୨୦୨୦ ରୁ ୨୦୨୨ ମଧରେ ଗୋଚର ସ୍ଥିତିରେ ପ୍ରାଧାନ୍ୟ ବହନ କରୁଥିବା ଗ୍ରହଗଣଙ୍କ ସ୍ଥିତି ଦୁର୍ବଳ ରହିଥିଲା। ବର୍ତ୍ତମାନ ମଧ ସେହି ସ୍ଥିତିରୁ କିଛିଟା ଉନ୍ନତି ଆସିଛି। ତେଣୁ ୨୦୨୩-୨୪ ମଧରେ ମହାମାରୀର ଆଶଙ୍କା ଏତେଟା ଗୁରୁତ୍ୱପୂର୍ଣ୍ଣ ବା ଭୟ ସୃଷ୍ଟି କରିପାରିବ ନାହିଁ। ରୁଷିଆ - ୟୁକ୍ରେନ୍ ମଧରେ ଚାଲିଥିବା ଯୁଦ୍ଧ ବସ୍ତୁତଃ ଶିଥିଳତା ଆଡ଼କୁ ଗତି କରିବ। ଏହି ଉତ୍ତେଜନା ପ୍ରଶମିତ ହୋଇ ନୂତନ ମଧସ୍ଥି ପରିପ୍ରେକ୍ଷୀରେ ସମାଧାନ ବାଟ ମିଳିବ। ସାଧାରଣ ଲୋକଙ୍କ ନିମନ୍ତେ ରାଶିଫଳ ସମ୍ପର୍କରେ ସୂଚନା ଦେଇ କହିଛନ୍ତି । ସମଗ୍ର ଜ୍ୟୋତିଷ ଶାସ୍ତ୍ର ପରିପେକ୍ଷୀରେ ରାଶିଫଳ ବିଚାରରେ ୧୨ ଗୋଟି ରାଶିକୁ ଗ୍ରହଣ କରି ବାର ଭାଗର ଫଳାଦେଶ ମୋଟାମୋଟି ଭାବରେ ମିଳିଥାଏ। ରାଶିଫଳରୁ ମନୁଷ୍ୟର ଭାଗ୍ୟଫଳ ୧୫ ଶତକଡ଼ା ହୋଇଥିବା ବେଳେ ମନୁଷ୍ୟ ତାହାର ପରିବେଶ ଯଥା ବୃତ୍ତିଗତ ଓ ପାରିବାରିକ ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ୧୦ଶତକଡ଼ା ଫଳ ପାଇଥାଏ। ଅବଶିଷ୍ଟ ୭୫ ପ୍ରତିଶତ ଭାଗ୍ୟଫଳ ମନୁଷ୍ୟର ନିଜ ବ୍ୟକ୍ତିଗତ ଜାତକ ପ୍ରଭାବରୁ ମିଳିଥାଏ।

**– ଅନାମ ଚନ୍ଦ୍ର ସାହୁ , ଜ୍ୟୋତିର୍ବିଦ, ପୁରୀ**

## ଅଚିହ୍ନା ବ୍ୟାଧି ହେବ



ଅର୍ଥନୀତି କ୍ଷେତ୍ରରେ ଅନ୍ୟ ଦେଶ ତୁଳନାରେ ଆମ ଦେଶରେ ଅନେକ ସମସ୍ୟା ରହିବ ନାହିଁ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଏବଂ ରାଜ୍ୟରେ ଦେଶକୁ ଚଳାଉଥିବା ପ୍ରଶାସକମାନଙ୍କ ସମୟ ଭଲ ଚାଲିଛି। ଏମାନଙ୍କୁ ବୃହସ୍ପତିଙ୍କ ଶୁଭଦୃଷ୍ଟି ରହିଛି। ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ରାଶିରେ ଦ୍ୱିତୀୟରେ ଶନି ରହୁଛନ୍ତି। ତେଣୁ ପ୍ରାକୃତିକ ବିପର୍ଯ୍ୟୟ, ଚୋରି, ଡକାୟତି, ମାରପିଟ୍ ବଢ଼ିବା ଆଶଙ୍କା ରହିଛି । ଅଚିହ୍ନା ବ୍ୟାଧି ହେବ, ଘରେ ଘରେ ଅଯଥା କଥାକୁ ନେଇ କଳି ଘଟଣା ହୋଇପାରେ। ରୁଷିଆ-ୟୁକ୍ରେନ ଯୁଦ୍ଧର ସମାଧାନ ହେବା ସମ୍ଭାବନା ରହିଛି। କିନ୍ତୁ ଏହା ପୂର୍ବରୁ ଉଭୟ ଦେଶ ପକ୍ଷରୁ ବ୍ୟାପକ କ୍ଷୟକ୍ଷତି ହେବ। ସମସ୍ତଙ୍କର ରାଶି ସମାନ ନୁହେଁ। ଶନି ବର୍ତ୍ତମାନ ମକରରେ ରହୁଛନ୍ତି। ୫ ରାଶି ଉପରେ ଶନିର କୁପ୍ରଭାବ ପଡ଼ିବ ।

**–ଜ୍ୟୋତିର୍ବିଦ୍ ଅନନ୍ତ ରଥ, ଗୌତମ ନଗର, ୫ମ ଗଳି, ରାୟଗଡ଼ା**

**ବସ୍ ଧକ୍କାରେ ହୋମିଓପାଥି ଡାକ୍ତର ଆହତ**

ଖଇରା,(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଡ଼ପୋଖରୀ ଗ୍ରାମର ବିଶିଷ୍ଟ ହୋମିଓପାଥି ଡାକ୍ତର ପରୀକ୍ଷିତ ବେହେରା ଶନିବାର ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ଗୁରୁତର ହୋଇ ପଡିଥିଲେ । ଚିକିତ୍ସା ପାଇଁ ତାଙ୍କୁ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଛି । ବର୍ତ୍ତନା କ୍ଲିନିକ୍ ବନ୍ଦ କରି ସେ ଗଡ଼ପୋଖରୀ ଗ୍ରାମସ୍ଥିତ ବାସଭବନକୁ ଫେରୁଥିବା ବେଳେ ଡ୍ରାଇଭର ଭାବେ କାର୍ଯ୍ୟକରୁଥିବା ଲକ୍ଷ୍ମୀଧର ଦାସ ନାମକ ବ୍ୟକ୍ତିଙ୍କ ବାଇକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା ।

# ୪ବ୍ଲକରେ ୪ ଲକ୍ଷ ଜଳବନ୍ଦୀ

**ଭୋଗରାଇ,୨୧।୮(ଡି. ଏନ.ଏ.)**

- କୂଳଲଙ୍ଘିଲା ସୁବର୍ଣ୍ଣରେଖା, ସ୍ଥିତି ଗମ୍ଭୀର
- ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ
- ଅନୁଧ୍ୟାନ କଲେ ଜିଲାପାଳ, ବିଧାୟକ

ସୁବର୍ଣ୍ଣରେଖା ଉପର ମୁଣ୍ଡରେ ଲଘୁଚାପ ଜନିତ ଭୀଷଣ ବର୍ଷା ହେବାରୁ ଚାନ୍ଦିଲି ଡ୍ୟାମ ସହିତ ବିଭିନ୍ନ ଜଳାଧାରରେ ବର୍ଷା ପାଣି ପରିପୂର୍ଣ୍ଣ ହୋଇଛି। ଏଭଳି ସ୍ଥିତିରେ ଚାନ୍ଦିଲି ଓ ଗାଲୁଡ଼ିହି ଡ୍ୟାମ୍‌ରୁ ୧୮ଟି ଗେଟ ଖୋଲାଯାଇ ବର୍ଷାଜଳ ନିଷ୍କାସିତ ହେଉଥିବାରୁ ସୁବର୍ଣ୍ଣରେଖା ନିମ୍ନ ଅବବାହିକାରେ ବଡ଼ ଧରଣର ବନ୍ୟା ଦେଖାଦେଇଛି। ରବିବାର ମଧ୍ୟାହ୍ନରେ ସୁବର୍ଣ୍ଣରେଖା କୂଳ ଲଙ୍ଘି ବାଲେଶ୍ୱର ଜିଲାର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକ ସମେତ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତକୁ ଜଳ ପ୍ଳାବିତ କରିଛି। ଖବର ଲେଖା ହେବା ବେଳକୁ ରାଜଘାଟଠାରେ ସୁବର୍ଣରେଖା ବନ୍ୟାଜଳ ବୃଦ୍ଧିପାଇ ବିପଦ ସଙ୍କେତ (୧୦.୩୬ମି.) ଉପରେ ପ୍ରବାହିତ ହେଉଛି। ମଧ୍ୟ ରାତ୍ରି ସୁଦ୍ଧା ବନ୍ୟା ଜଳ ବୃଦ୍ଧିପାଇ ୧୧.୫୦ମି.ରେ ପ୍ରବାହିତ ହେବ ବୋଲି ଜଳସେଚନ ବିଭାଗ ସୂଚନା ଦେଇଛି। ବଡ଼ ବନ୍ୟା ଆସିଥିବାରୁ ନଦୀ ତଟବାସୀ ଭୟଭୀତ ହୋଇପଡ଼ିଛନ୍ତି। ଜିଲା ପ୍ରଶାସନିକ ଅଧିକାରୀ ୪ଟି ବ୍ଲକର ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ସହିତ ଘନଘନ ବୈଠକ କରି ବନ୍ୟା ସ୍ଥିତିର ମୁକାବିଲା ପାଇଁ ସମସ୍ତଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଛନ୍ତି। ଭୋଗରାଇ ବ୍ଲକ ଅଧୀନ ୨୨ ପଞ୍ଚାୟତର ୧୨୨ ଗ୍ରାମ, ଜଳେଶ୍ୱର ବ୍ଲକର ୨୦ ପଞ୍ଚାୟତର ୧୧୫ଟି ଗ୍ରାମ, ବାଲିଆପାଳ ବ୍ଲକର ୧୫ ପଞ୍ଚାୟତର ୬୦ ଗ୍ରାମ ଓ ବସ୍ତା ବ୍ଲକର ୧୩ ପଞ୍ଚାୟତର ୫୦ଟି ଗ୍ରାମରେ ପ୍ରାୟ ୪ ଲକ୍ଷ ଲୋକ ଜଳବନ୍ଦୀ ହୋଇଛନ୍ତି। ଭୋଗରାଇ ବ୍ଲକର ଆରୁହାବୃତ୍ତି, ଖରିଦପିମ୍ପଳ ଓ କୁମ୍ଭୀରଗଡ଼ି ପଞ୍ଚାୟତର ୨ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଦକ୍ଷିଣ ଭୋଗରାଇ ସୁରକ୍ଷିତ ବାତ୍ୟା ଓ ସ୍କୁଲ ଘରକୁ ସ୍ଥାନାନ୍ତର କରାଯାଇଛି। ସୁବର୍ଣ୍ଣରେଖାର ଉଭୟ ଦୁର୍ବଳ ନଦୀତଟରେ ସେଚ ବିଭାଗ ଓ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଏଥିସହିତ ଏନ୍‌ଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ସହିତ ଦେଶୀ ଡଙ୍ଗା ରଖାଯାଇଥିବା ପ୍ରଶାସନ ସୂଚନା ଦେଇଛି। ରବିବାର ଜିଲାପାଳ ଦତ୍ତାତ୍ରେୟ ଭାଉସାବ ଶିନ୍ଦେ , ଅତିରିକ୍ତ ଜିଲାପାଳ ରାତୀନ୍ଦ୍ର ପ୍ରତାପ ସ୍ୱାଇଁ ଓ ଉପ ଜିଲାପାଳ ନିଲୁ ମହାପାତ୍ର, ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ମନ୍ତ୍ରୀ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ସେଚ ବିଭାଗ ଅଧିକାରୀ ପ୍ରଭାସ ପ୍ରଧାନ, ବନ୍ୟା ପ୍ଳାବିତ ଅଞ୍ଚଳକୁ ଆସି ଅନୁଧ୍ୟାନ କରିବା ସହିତ ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କୁ ଉଦ୍ଧାର ଓ ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଭୋଗରାଇ ଓ ବାଲିଆପାଳ ବନ୍ୟାପ୍ରପୀଡ଼ିତ ଅଞ୍ଚଳରେ ବହୁରାସ୍ତା ବନ୍ୟାରେ ବୁଡ଼ିଯାଇ ଗମନାଗମନ ବିଚ୍ଛିନ୍ନ ହୋଇଛି।

## ଅଶାନ୍ତ ଭୀମକୁଣ୍ଡରେ ସେଲ୍‌ଫି ନେଉଛନ୍ତି ଅମାନିଆ



**ପାଟଣା,୨୧।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ତହସିଲ ଡୁମୁରିଆ ରାଜସ୍ୱ ନିରୀକ୍ଷକ ଘାଟ ବାଲିଯୋଡ଼ି ଅନ୍ତର୍ଗତ ବୈତରଣୀର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ଲଘୁଚାପ ବର୍ଷା ଯୋଗୁ ଫୁଲୁଛି। ଭୀମକୁଣ୍ଡରେ ବୈତରଣୀ ନଦୀ ଉଛୁଳା ହୋଇ ଦନ୍ତୁରୀର ଶିଳା ଗୁଡିକରେ କ୍ଷୀପ୍ର ଗତିରେ ବାଡ଼େଇ ହୋଇ ଅଶାନ୍ତ ହୋଇପଡିଛି। କିଛି ଦିନ ତଳେ ଭୀମକୁଣ୍ଡରେ ମାଛ ଧରିବାକୁ ଯାଇ ଜଣେ ଯୁବକ ନିଖୋଜ ହୋଉଥିବା ବେଳେ ବିଭିନ୍ନ ସମୟରେ ଅନେକ ଯୁବକ ଯୁବତୀ ସେଲ୍‌ଫି ନେବାକୁ ଯାଇ ମୃତ୍ୟୁବରଣ କରିବାର ନଜିର ରହିଛି। ଏଠାରେ ବନ୍ୟାଜଳ ସ୍ରୋତ ବୃଦ୍ଧି ଫଳରେ ଭୀମକୁଣ୍ଡ ଭୟଙ୍କର ଉଗ୍ର ରୂପ ଧାରଣ କରିଛି। କିଛି ଅମାନିଆ ଯୁବତୀ ଯୁବକ ବିପଦପୂର୍ଣ୍ଣ ଭାବେ ୱାଚ ଟାୱାରକୁ ଚଢି ସେଲ୍ଫି, ଫଟୋ ଓ ଭିଡିଓ ଉତ୍ତୋଳନ କରିବାର ଦୃଶ୍ୟ ଭାଇରାଲ ହେଉଛି। ପର୍ଯ୍ୟଟନ ବିଭାଗ ଜିଲା କିମ୍ବା ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଏନେଇ କୌଣସି ସତର୍କତା ଅବଲମ୍ବନ କରୁ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଏନେଇ ଚିନ୍ତା ପ୍ରକାଶ ପାଇଛି। ସ୍ଥାନୀୟ ପ୍ରଶାସନ ସହ ପୋଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବିପଦ ମୁହଁରେ ୧୬୯ ଗାଁ

**ଜଳେଶ୍ୱର,୨୧।୮(ଡି.ଏନ.ଏ.)**

ସୁବର୍ଣ୍ଣରେଖାରେ ବଡ଼ ଧରଣର ବନ୍ୟା ଆସୁଥିବାରୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ୨୮ପଞ୍ଚାୟତର ୧୬୯ଟି ଗାଁ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ଶତାଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ବ୍ୟବସ୍ଥା ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ୬୦ଜଣ ଉଦ୍ଧାରକାରୀ ଦଳ ନିୟୋଜିତ ଅଛନ୍ତି। ଜମଶୋଳାଘାଟଠାରେ ବିପଦ ସଂକେତ ୪୯.୧୬ ଥିବା ବେଳେ ଏବେ ସେଠାରେ ୫୩.୫୪ ମିଟର ପାଣି ପ୍ରବାହିତ ହେଉଛି। ଜଳେଶ୍ୱର ବ୍ଲକ ଅଧୀନ ରାଜନଗରଠାରୁ ସୁବର୍ଣ୍ଣରେଖା ନଦୀର ଶେଷ ମୁଣ୍ଡ କିର୍ତ୍ତନୀଆ ପର୍ଯ୍ୟନ୍ତ ସବୁସ୍ଥାନ ବିପଦପୂର୍ଣ୍ଣ ବୋଲି ଜଳସେଚନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଅନ୍ୟପକ୍ଷରେ ଜଳେଶ୍ୱର ରିଂ ବନ୍ଧର ପୀରଘାଟଠାରୁ ଶିଖରପୁର ସେତୁ ଯାଏ ନଦୀବନ୍ଧ ସୁଦୃଢ କରିବାକୁ ଯାଇ ପ୍ରାୟ ଦେଢ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ବନ୍ଧର ଉଚ୍ଚତାକୁ ୧ ଫୁଟ କମା ଯାଇଥିବାରୁ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜଳେଶ୍ୱର ଅତିରିକ୍ତ ତହସିଲଦାର ହେମନ୍ତ ନାୟକ, ସୋର ବିଡିଓ ସୁଶାନ୍ତ ବାରିକ, ଜଳେଶ୍ୱର ତହସିଲଦାର ସ୍ମୃତିରଞ୍ଜନ ମଲ୍ଲିକ, ଖଇରା ଅତିରିକ୍ତ ତହସିଲଦାର ଗଦାଧର ସେଠୀ, ଜଳେଶ୍ୱର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର କହଁର ଓ ସବ୍‌ରେଜିଷ୍ଟ୍ରାର କମଳ ବିହାରୀ ଦାସ ପ୍ରମୁଖଙ୍କୁ ବନ୍ୟାମୁକାବିଲା ଲାଗି ଦାୟିତ୍ୱ ଦିଆଯାଇଥିବା ବେଳେ ସେମାନଙ୍କ ସହିତ ଡାକ୍ତରୀ ଟିମ୍ ମଧ ରହିଛନ୍ତି। ରବିବାର ଜଳେଶ୍ୱରରେ ଓଡିଆର୍‌ଏଫର ୩ଟି ଟିମ୍‌ରେ ୨୯ଜଣ, ଏନ୍‌ଡିଆର୍‌ଏଫର ୨୦ଜଣ ଓ ଦମକଳ ବାହିନୀର ୧୧ଜଣ ପହଞ୍ଚିଥିବାରୁ ସେମାନଙ୍କୁ ବନ୍ୟା ବିପଦ ଥିବା ସ୍ଥାନକୁ ପଠାଇ ଦିଆଯାଇଛି। ଦିବାରାତ୍ର ଏକ କଣ୍ଟ୍ରୋଲରୁମ୍ ବ୍ଲକ କାର୍ଯ୍ୟାଳୟରେ ଖୋଲା ଯାଇଥିବା ବିଡିଓ ପୁନମ୍ ରାଉତ୍ ସୂଚନା ଦେଇଛନ୍ତି। ସବୁ ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ, ଜିଲାପରିଷଦ ସଦସ୍ୟମାନଙ୍କୁ ସମ୍ଭାବ୍ୟ ବିପଦ ପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ରବିବାର ଜଳେଶ୍ୱର ବ୍ଲକ ପରିସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ସେହିପରି ପୌରପାଳିକାରେ ପୌରପାଳ ପ୍ରଦୀପ ପ୍ରଧାନଙ୍କ ପୌରହିତ୍ୟରେ ସମସ୍ତ ନିର୍ବାଚିତ ପ୍ରତିନିଧି, ପୌରଅଧିକାରୀ ଅଜୟ ମହାପାତ୍ର ଓ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଲୋକଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିବା ସୂଚନା ମିଳିଛି।

## ବିଭିନ୍ନ ନଦୀ ଫୁଲୁଛି, ପାଣିଘେରରେ ତଳିଆ ଅଞ୍ଚଳ



ଧାମନଗର ବ୍ଲକର ରଇପୁର ପଞ୍ଚାୟତ ବାଙ୍କସାହି ନିକଟ ରାସ୍ତା ଜଳମଗ୍ନ।

**ଭଦ୍ରକ ଅଫିସ, ୨୧।୮**

ଲଗାଣ ବର୍ଷା ଯୋଗୁ ଭଦ୍ରକ ଜିଲାରେ ପ୍ରବାହିତ ବିଭିନ୍ନ ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଫଳରେ ୬ ବ୍ଲକର ୨ଶହରୁ ଊର୍ଦ୍ଧ୍ୱ ଗାଁ ଜଳମଗ୍ନ ହେବା ସହ ୧୬,୫୫୪ ହେକ୍ଟର ଜମିରେ ଚାଷ କ୍ଷତିଗ୍ରସ୍ତ ହୋଇଥିବା ପ୍ରଶାସନ ପକ୍ଷରୁ ପ୍ରାଥମିକ ରିପୋର୍ଟରେ ପ୍ରକାଶ କରାଯାଇଛି। ପ୍ରଥମ ବନ୍ୟାଜଳ କମି ନ ଥିବା ବେଳେ ଶନିବାରଠାରୁ ପୁଣିଥରେ ବିଭିନ୍ନ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଶନିବାର ଜିଲାର କୌଣସି ସ୍ଥାନରେ ବର୍ଷା ହୋଇ ନ ଥିଲେ ମଧ ଉପରମୁଣ୍ଡ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ବର୍ଷା ଯୋଗୁ ନଦୀଗୁଡ଼ିକ ଫୁଲୁଛି। ଶନିବାର ରାତିରୁ ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟଠାରେ ବୈତରଣୀ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି। ଧାମନଗର ବ୍ଲକରେ ବୈତରଣୀ, ସାଳନ୍ଦୀ, ଗେଙ୍ଗୁଟି ଓ କୋଚିଳା ନଦୀରେ ଜଳସ୍ତର ବଢ଼ିବାରୁ ତଳିଆ ଅଞ୍ଚଳର ଗାଁଗୁଡ଼ିକ ପାଣିଘେରରେ ରହିଛି। ସେହିପରି ବାସୁଦେବପୁର ବ୍ଲକରେ କାଂଶବାଂଶ, କଞ୍ଚୁଡ଼ି, ଧଳା, ମନ୍ତେଇ, ଗମେଇ ଏବଂ ତିହିଡ଼ି ବ୍ଲକରେ ରେବ, କପାଳୀ ଓ ସାଳନ୍ଦୀରେ ଦ୍ୱିତୀୟ ଥର ବନ୍ୟାଜଳ ଆସି ବିଭିନ୍ନ ଗାଁ ଜଳମଗ୍ନ ହୋଇଛି। ଧାମନଗର ବ୍ଲକର ପାଳସାହି ପଞ୍ଚାୟତ ଅଧୀନ ତେଲିପାଟନା ଗ୍ରାମ ନିକଟସ୍ଥ ବୈତରଣୀ ନଦୀବନ୍ଧରେ ଦୁଇଟି ଘଳିଆ ସୃଷ୍ଟି ହୋଇଛି। ନଦୀରେ ଜଳସ୍ତର ଅଧିକ ଥିବାରୁ ନଦୀବନ୍ଧ ଭାଙ୍ଗିଯିବା ଆଶଙ୍କାରେ ସ୍ଥାନୀୟ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ରଇପୁର ପଞ୍ଚାୟତ ବାଙ୍କସାହିର ବିଭିନ୍ନ ରାସ୍ତାରେ ପାଣି ଚାଲୁଛି। ଏନେଇ ଧାମନଗରସ୍ଥିତ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ କିଶୋର ଚନ୍ଦ୍ର ନାୟକ ଘଳିଆ ସୃଷ୍ଟି ହୋଇଥିବା ସ୍ଥାନରେ ବାଲିବସ୍ତା ପ୍ୟାକିଂର ବ୍ୟବସ୍ଥା କରାଯାଇଥିବା କହିଛନ୍ତି।

## ବୁଢ଼ାବଳଙ୍ଗ ବନ୍ୟାଞ୍ଚଳର ସ୍ଥିତି ଦେଖିଲେ ବିଧାୟକ

**ବୈଶିଙ୍ଗା,୨୧।୮(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲାର ବେତନଟୀ ବ୍ଲକ ଏବଂ ବୈଶିଙ୍ଗା ଥାନା ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀରେ ଆସନ୍ନ ବନ୍ୟା ପରିସ୍ଥିତିକୁ ଲକ୍ଷ୍ୟକରି ପ୍ରଶାସନ ପକ୍ଷରୁ କିଭଳି ପଦକ୍ଷେପ ଗ୍ରହଣ କରା ଯାଉଛି ତାହା ବଡ଼ସାହି ବିଧାୟକ ସନାତନ ବିଜୁଳି ଅନୁଧ୍ୟାନ କରିଛନ୍ତି। ବିଡିଓ ସଂଗ୍ରାମ କେଶରୀ ପରିଡା, ସରପଞ୍ଚ ମମତା ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପରମେଶ୍ୱର ମହାନ୍ତ, ଜିଲା ପରିଷଦ ସଭ୍ୟା ସବିତା ଦାସ, ରାଜସ୍ୱ ନିରୀକ୍ଷକ ଗଗନ ପ୍ରଧାନ ପ୍ରମୁଖ ତାଙ୍କ ସାଥିରେ ସାମିଲ ଥିଲେ। ଅଗ୍ନିଶମ ବିଭାଗ, ଯୋଗାଣ ବିଭାଗ ଓ ଉଦ୍ଧାରକାରୀ ଦଳଙ୍କୁ ସତର୍କତା ଅବଲମ୍ବନ କରିବାକୁ ବିଧାୟକ ତାଗିଦ କରିଥିଲେ। ବେଲାଣପୁରା ବାତ୍ୟା ଆଶ୍ରୟ ସ୍ଥଳୀରେ ମାନଗୋବିନ୍ଦପୁର ପଞ୍ଚାୟତ,ମାଣତ୍ରୀ ପଞ୍ଚାୟତ ଓ ଶାଳଗାଁ ପଞ୍ଚାୟତର ଗଙ୍ଗାହାର ଏବଂ ବୁଢ଼ାବଳଙ୍ଗ ଅବବାହିକାରେ ପ୍ରପୀଡିତଙ୍କୁ ବାତ୍ୟା ଆଶ୍ରୟ ସ୍ଥଳରେ ରଖାଯାଇ ଶୁଖିଲା ଏବଂ ରନ୍ଧା ଖାଦ୍ୟର ବ୍ୟବସ୍ଥା କରିବାକୁ ବିଧାୟକ ପ୍ରଶାସନକୁ ତାଗିଦ କରିଥିଲେ। ଏପଟେ ବଡ କ୍ଷୀରପଦାର ପ୍ରଦୀପ ନନ୍ଦୀ ଏବଂ ପଦୁ ମୁର୍ମୁଙ୍କର ଦୁଇଟି ଟାଇଲ ଘର ଭାଙ୍ଗିଯାଇଥିବା ଖବର ପାଟଳିପୁରା ସରପଞ୍ଚ ମମତା ନାୟକଙ୍କ ଠାରୁ ଖବର ପାଇ ଘଟଣାସ୍ଥଳରେ ବେତନଟୀ ବିଡିଓ ଓ ଏଆରଆଇ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।



ବଡସାହି ବିଧାୟକ ସନାତନ ବିଜୁଳି ଜଣେ ବନ୍ୟା ବିପନ୍ନଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

## ଲଗାଣ ବର୍ଷାରେ ଭାଙ୍ଗିଲା ୫୦ରୁ ଊର୍ଦ୍ଧ୍ୱ ଘର

**ମୋରଡ଼ା, ୨୧।୮ (ଡି.ଏନ.ଏ)**

ଲଗାଣ ବର୍ଷାରେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ୨୦ ପଞ୍ଚାୟତରେ ୫୦ରୁ ଊର୍ଦ୍ଧ୍ୱ ପରିବାରର ଘର ଭାଙ୍ଗି ମାଟିରେ ମିଶି ଯାଇଛି। ଗୋଣ୍ଡଗୁହାଳି ଗ୍ରାମର ବାରି ମାଣ୍ଡି, ସାଂଖ ଟୁଡୁ, ରାମଜିତ କିସ୍କୁ, ସୀତାନାଥ ସିଂ, ଯମୁନା ହାଁସଦା, ଜାମୁଗଡ଼ିଆ ଗ୍ରାମର ଲାଖାଇ ବେସ୍ରା, ରବୀନ୍ଦ୍ର ଟୁଡୁ, ଶାନ୍ତନୁ ମୁର୍ମୁ ପ୍ରମୁଖଙ୍କ ସହ ବିଭିନ୍ନ ପଞ୍ଚାୟତରେ ଲୋକଙ୍କ ଘର ଭାଙ୍ଗିଯାଇଛି। ବର୍ଷା ଲାଗି ରହିଥିବା ବେଳେ ସେମାନଙ୍କ ଘର ମଧ ଭାଙ୍ଗିଯିବା ଆଶଙ୍କାରେ ଘୋଳମୁହାଁ, ଇଟାପୋଖରୀ, ଶିଳଦା, ପାଞ୍ଚଗୋଛିଆ, ରେକଣା, ଭଡ଼ରାନଣ୍ଡା ଆଦି ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ନିଆଯାଉଥିବା ମୋରଡ଼ା ତହସିଲଦାର ଅନନ୍ତ କୁମାର ହାଁସଦା କହିଛନ୍ତି।

## ତଳିଆ ଅଞ୍ଚଳବାସୀ ଭୟଭୀତ

**ବାଲିଆପାଳ,୨୧।୮(ସ୍ୱ.ପ୍ର)**

ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ବଢୁଥିବାରୁ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ବଡ଼ ବନ୍ୟା ଆସିଲେ ଏହି ବ୍ଲକ ଅଧୀନ ୧୨ଟି ପଞ୍ଚାୟତର ୩୦ରୁ ଅଧିକ ଗାଁ ଜଳମଗ୍ନ ହେବା ସହିତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯିବା ଆଶଙ୍କା ରହିଛି। ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ ବିଷ୍ଣୁପୁର ପଞ୍ଚାୟତର ୬ଟି ଗାଁ, ଜାମକୁଣ୍ଡା ପଞ୍ଚାୟତର ୬ଟି, ବାଲିଆପାଳ ପଞ୍ଚାୟତର ୫ଟି, ମଧୁପୁରା ପଞ୍ଚାୟତର ୩ଟି, ଅସ୍ତି ପଞ୍ଚାୟତର ୯ଟି ଗାଁ, ନିଖିରା ପଞ୍ଚାୟତର ୬ଟି, କୁମ୍ଭାରୀ ପଞ୍ଚାୟତରେ ୬ଟି, ଶ୍ରୀରାମପୁର ପଞ୍ଚାୟତର ୫ଟି , ଦେଭୋଗ ପଞ୍ଚାୟତର ୫ଟି ଗାଁ ପ୍ରଭାବିତ ହେବାର ଆଶଙ୍କା ରହିଛି। ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି ବୋଲି ଉଭୟ ତହସିଲଦାର ଓ ବିଡିଓ ଦାୟିତ୍ୱରେ ଥିବା ଦୀପକ କୁମାର ଦାଶ କହିଛନ୍ତି। ଦୁଇଟି ଏନ୍‌ଡିଆର୍‌ଏଫ୍ ଟିମ୍ ସହିତ ଅଗ୍ନିଶମ ବିଭାଗ, ସମସ୍ତ ପଞ୍ଚାୟତର ସରପଞ୍ଚ, ବ୍ଲକ ପ୍ରଶାସନ, ଲୋକପ୍ରତିନିଧି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଜାଗ ରହିଛନ୍ତି। ତଳିଆ ଅଞ୍ଚଳରୁ ଆବଶ୍ୟକ ମୁତାବକ ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୋଲି ତହସିଲଦାର କହିଛନ୍ତି।

## ଆନନ୍ଦପୁରଠାରେ ବୈତରଣୀ ଜଳସ୍ତର କମୁଛି

**ଆନନ୍ଦପୁର,୨୧।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ଠାରେ ବର୍ଷାର ପ୍ରଭାବ କମ୍ ରହିଥିଲେ ସୁଦ୍ଧା ଉପରମୁଣ୍ଡ ଚମ୍ପୁଆ ଠାରେ ୨୦ ତାରିଖରେ ୧୦୨ ମି.ମି. ବର୍ଷା ଓ ଅନ୍ୟ ସ୍ଥାନ ଗୁଡ଼ିକରେ ବର୍ଷା ପ୍ରଭାବ ଲାଗିରହିଥିବାରୁ ଆନନ୍ଦପୁର ଠାରେ ବୈତରଣୀର ଜଳସ୍ତର ଅପେକ୍ଷାକୃତ ଭାବେ ବୃଦ୍ଧି ପାଇଥିଲା। ଆନନ୍ଦପୁର ଠାରେ ବୈତରଣୀର ଜଳସ୍ତର ସତର୍କ ସୂଚନା ୩୭.୪୯ମି. ଓ ବିପଦ ସଙ୍କେତ ୩୮.୩୮୦ ମି. ରହିଥିବାବେଳେ ୨୦ତାରିଖ ସନ୍ଧ୍ୟା ୬ଟାରେ ଆନନ୍ଦପୁର ଠାରେ ବୈତରଣୀ ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରି ୩୭.୭୨୦ମି.ରେ ରହିଥିଲା। କ୍ରମାଗତ ଭାବେ ଜଳସ୍ତର ବୃଦ୍ଧି ପାଇ ରାତି ୯ଟାରେ ୩୮.୬୧୦ମି.ରେ ପହଞ୍ଚିଥିଲା। ପରବର୍ତ୍ତୀ ସମୟରେ ଜଳସ୍ତର ୩୯.୧୨୦ ମି. ରେ ପ୍ରବାହିତ ହୋଇ ୨୧ ତାରିଖ ଭୋର ୫ଟା ଯାଏ ବଳବତ୍ତର ରହିଥିଲା। ରବିବାର ଜଳସ୍ତର ଧୀରେ ଧୀରେ କମିବାରେ ଲାଗିଥିଲା। ୨୧ ତାରିଖ ଅପରାହ୍ନ ୪ ଟାରେ ଜଳସ୍ତର ସତର୍କ ସଙ୍କେତ ଊର୍ଦ୍ଧ୍ୱରେ ତଥା ୩୭.୫୨ମି.ରେ ପ୍ରବାହିତ ହେଉଥିବା ସୂଚନା ମିଳିଛି। ଏପରିକି କ୍ରମାଗତ ବ୍ୟବଧାନରେ ଜଳସ୍ତର ହ୍ରାସ ପାଉଥିବାରୁ ବିପଦର ମାତ୍ରା କମିବାରେ ଲାଗିଛି। ବୈତରଣୀ ଜଳସ୍ତର ବୃଦ୍ଧି ପାଇ ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତର ନପଙ୍ଗା ଓ ବେଲଦା ଗ୍ରାମ ଜଳଘେରରେ ରହିଥିଲା। ସେହିଭଳି ଆନନ୍ଦପୁର ବ୍ଲକ ପଞ୍ଚୁପଲୀ ଠାରେ ବନ୍ୟାଜଳ ପ୍ରବେଶ କରି ଅନେକ ଚାଷଜମି ଜଳମଗ୍ନ ହୋଇ କ୍ଷତିଗ୍ରସ୍ତ ହୋଇଛି। ଆନନ୍ଦପୁର ଅଞ୍ଚଳରେ ବର୍ଷା ଓ ପବନର ପ୍ରଭାବ ନ ଥିବାରୁ ଆଗକୁ ବିପଦର ଆଶଙ୍କା ହ୍ରାସ ପାଉଥିବା ଉପଜିଲାପାଳ ଅନୀଲ କୁମାର ସେଠୀ ପ୍ରକାଶ କରିଛନ୍ତି।

## କାନ୍ଥ ପଡ଼ି ୨ ମୃତ, ଜଣେ ଗୁରୁତର

**ବାରିପଦା ଅଫିସ/କପ୍ତିପଦା, ୨୧।୮**

ମୟୂରଭଞ୍ଜ ଜିଲାର ପୃଥକ ସ୍ଥାନରେ କାନ୍ଥ ପଡ଼ି ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଅଛନ୍ତି। ୨ ମୃତକ ହେଲେ ସଞ୍ଜୟ ବେହେରାଙ୍କ ଝିଅ ମୁନି(୧୦) ଏବଂ ଭେଜଡିହା ଗ୍ରାମର ପେଲେନ ମହାକୁଡ଼। ମୃତା ନାବାଳିକା ମୁନିଙ୍କ ଘର ବାରିପଦା ଟାଉନ ଥାନା ଅଧୀନ ୨୨ନଂ ୱାର୍ଡ ରଘୁନାଥପୁର ଅଞ୍ଚଳରେ। ରବିବାର ଅପରାହ୍ନରେ ମୁନି ଘର ବାରଣ୍ଡାରେ ଖେଳୁଥିବା ସମୟରେ ଓଦା ମାଟିକାନ୍ଥ ଭୁଶୁଡ଼ି ପଡିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ପିଆରଏମ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେହିପରି କପ୍ତିପଦା ଥାନା ଭେଜଡିହା ଗ୍ରାମର ଘାସିରାମ ମହାକୁଡ ଓ ତାଙ୍କ ସ୍ତ୍ରୀ ପେଲେନ ମହାକୁଡ ଶନିବାର ଘରେ ଶୋଇଥିଲା ବେଳେ ମାଟିକାନ୍ଥ ଭୁଶୁଡ଼ି ପଡିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସ୍ତ୍ରୀ ପେଲେନଙ୍କର ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଘାସିରାମ ଏବେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

## ନଦୀକୂଳିଆ ଅଞ୍ଚଳ ପରିଦର୍ଶନ କଲେ ଅତିରିକ୍ତ ତହସିଲଦାର

ବନ୍ତ,୨୧।୮(ଡି.ଏନ.ଏ.)-ସ୍ୱତନ୍ତ୍ର ରିଲିଫ କମିଶନର ଓ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଭଦ୍ରକ ଜିଲା ବନ୍ତ ବ୍ଲକର ସାଳନ୍ଦୀ, କପାଳୀ ନଦୀକୂଳିଆ ଅଞ୍ଚଳଗୁଡ଼ିକୁ ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ ପରିଦର୍ଶନ କରି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ସାଳନ୍ଦୀରେ ପାଣି ଭରପୂର ଥିବା ଏବଂ ଏହା ତଟବର୍ତ୍ତୀ ଗ୍ରାମକୁ ପଶି ନ ଥିବା ଦେଖିବାକୁ ପାଇଥିଲେ। ପରେ କାଣ୍ଡବା, ଶ୍ରୀରାମପୁର, ସାହୁପଡା, ମାର୍କଣ୍ଡପୁର, ତୁଳସୀପୁର, ଗୋପୀନାଥପୁର, ତାଜିପୁର, ଚକ୍ରାପାଢ଼ୀ, ଚାରିଗାଁ, ବଡ଼ମହିଷଗୋଠ, କୁଆଁସମଢ଼ିଆ, ରାମଚନ୍ଦ୍ରପୁର ଆଦି ଗ୍ରାମ ପରିଦର୍ଶନ କରିଥିଲେ। ଲଘୁଚାପଜନିତ ବର୍ଷାଜଳରେ ଚାଷ କାର୍ଯ୍ୟ କିପରି ପ୍ରଭାବିତ ହୋଇଛି ସେ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀମାନଙ୍କୁ ପଚାରି ବୁଝିଥିଲେ। ଲଗାଣ ବର୍ଷାରେ ପନିପରିବା ଓ ଧାନ ଚାଷ କିଛି ପରିମାଣରେ କ୍ଷତି ହୋଇଥିବା ଗ୍ରାମବାସୀ କହିଥିଲେ।

## ରାସ୍ତା ବୁଡ଼ିଲା, ଯୋଗାଯୋଗ ବିଚ୍ଛିନ୍ନ



**ହାଟଡିହୀ,୨୧।୮(ଡ଼ି.ଏନ.ଏ.)**

ବୈତରଣୀ ନଦୀରେ ବନ୍ୟା ଆସିବା ଫଳରେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ଅନେକ ଗ୍ରାମ ଏବେ ଜଳବନ୍ଦୀ ହୋଇପଡିଛି । ଏହି ବ୍ଲକ ଅଧୀନ ୩୧ଟି ପଞ୍ଚାୟତ ମଧ୍ୟରୁ ୯ଟି ପଞ୍ଚାୟତ ବନ୍ୟା ପ୍ରଭାବିତ ଅଟେ । ବିଭିନ୍ନ ଗ୍ରାମକୁ ଯାତାୟାତ କରିବା ପାଇଁ ଥିବା ମୁଖ୍ୟ ରାସ୍ତା ଏବଂ ଗ୍ରାମ୍ୟ ରାସ୍ତା ଗୁଡିକ ବନ୍ୟା ଜଳରେ ବୁଡ଼ିଯାଇଛି । ଆଇଡିପୁର, ଅମୃତପୁର, ନୂଆଗାଁ, ରତକଣା, ମଧୁପୁର, ରାଘବପୁର, ଜଳସରପୁର, ଗିରିଗାଁ, ବାଲିପଦା, ଆମ୍ବୋ ପ୍ରଭୃତି ଗ୍ରାମର ଲୋକେ ପାଣିଘେରରେ ଅଛନ୍ତି। ବନ୍ୟା ପାଣି ପ୍ରବାହିତ ଯୋଗୁ ବିଭିନ୍ନ ସ୍ଥାନରେ ଯାତାୟାତ ବନ୍ଦ ହୋଇପଡିଛି । ବ୍ଲକ ପ୍ରଶାସନ ତରଫରୁ କର୍ମଚାରୀଙ୍କୁ ବିଭିନ୍ନ ପଞ୍ଚାୟତରେ ନିୟୋଜିତ କରାଯାଇଛି ।

## ବୁଢ଼ାବଳଙ୍ଗ, ଗଙ୍ଗାହାରରୁ ଟଳିଲା ବିପଦ

**ବାରିପଦା ଅଫିସ,୨୧।୮**

- ବଢ଼ିଲା ଲୋକଙ୍କ ଦୁର୍ଦ୍ଦଶା
- ୬ଶହଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର

ଲଘୁଚାପଜନିତ ବର୍ଷା ପ୍ରଭାବରେ ମୟୂରଭଞ୍ଜ ଜିଲା ବିଶେଷ ପ୍ରଭାବିତ ହୋଇଛି। ଜିଲାର କେତେକ ସ୍ଥାନରେ ଘାଇ ସୃଷ୍ଟି ହେବା ସହ ଉଦ୍‌ବୃତ୍ତ ବନ୍ୟାଜଳ ଲୋକଙ୍କ ଘରେ ପଶିଛି। ରବିବାର ସକାଳେ ବଡ଼ସାହି ଓ ଗୋପବନ୍ଧୁନଗର ବ୍ଲକର ତଳିଆ ଅଞ୍ଚଳରେ ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀର ଜଳ ପ୍ରବେଶ କରିଛି। ଫଳରେ ବୈଶିଙ୍ଗା-ଉଦଳା ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ନାଖରା ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇଛି। ଉପରମୁଣ୍ଡରେ ଜଳସ୍ତର କମିବା ପରେ ବିପଦ ଟଳିଥିଲେ ମଧ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ନଦୀର ଉଭୟପାର୍ଶ୍ୱରେ ଥିବା ଚାଷ ଜମିଗୁଡ଼ିକରେ ବନ୍ୟାଜଳ ପଶି ଧାନ ଓ ପରିବା ଚାଷ ବ୍ୟାପକ କ୍ଷୟକ୍ଷତି ହୋଇଛି। ତେବେ ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବା ଦ୍ୱାରା ୭ ବ୍ଲକର ଲୋକେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଅନ୍ୟପକ୍ଷେ ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ବେଳେ ସାରସକଣା ବ୍ଲକ ଅଧୀନ ଶୀର୍ଷା ପଞ୍ଚାୟତର ନେଦା ଗାଁ ଜଳଘେରରେ ରହିଛି। ଜିଲା ପ୍ରଶାସନ ପକ୍ଷରୁ ବନ୍ୟାର ମୁକାବିଲା କରିବା ପାଇଁ ସତର୍କ ଦୃଷ୍ଟି ଦିଆଯାଇଛି। ଅପରାହ୍ନ ସୁଦ୍ଧା ରାଜଘାଟ ଓ ଜାମଶୋଳାଠାରେ ସୁବର୍ଣ୍ଣରେଖା ଜଳସ୍ତର ବିପଦ ସଙ୍କେତ ପାର୍ କରିଛି। ଶିମିଳିପାଳରେ ପ୍ରବଳ ବର୍ଷା ଯୋଗୁ ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀରେ ଜଳସ୍ତର ବିପଦ ସଙ୍କେତ ଟପିଥିଲା। ଫଳରେ ତଳି ଅଞ୍ଚଳରେ ବନ୍ୟାପାଣି ପଶି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜିଲାର ବଡ଼ସାହି, ବେତନଟୀ, ମୋରଡା, ରାସଗୋବିନ୍ଦପୁର, ଗୋପବନ୍ଧୁନଗର, କପ୍ତିପଦା ଓ ଶୁଳିଆପଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରିଛି। ଜାମଶୋଳାଠାରେ ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ୪୯.୧୫ ମିଟର ଥିବାବେଳେ ଅପରାହ୍ନ ସୁଦ୍ଧା ତାହା ବୃଦ୍ଧି ପାଇ ୫୩.୫୨ ମିଟରରେ ପହଞ୍ଚିଛି। ସେହିପରି ରାଜଘାଟଠାରେ ବିପଦ ସଙ୍କେତ ୧୦.୩୬ ମିଟର। ଅପରାହ୍ନ ସୁଦ୍ଧା ୧୦.୬୩ ମିଟର ଛୁଇଁଛି। ନଦୀର ଉଭୟପାର୍ଶ୍ୱରେ ଥିବା ସାରସକଣା ଓ ରାସଗୋବିନ୍ଦପୁର ବ୍ଲକ ଅଧୀନ ୩ ପଞ୍ଚାୟତର ୧୧ ହଜାର ଲୋକ ପ୍ରଭାବିତ ହେବା ଆଶଙ୍କା କରାଯାଇଛି। ସାରସକଣା ବ୍ଲକର ନେଦା, ଶୀର୍ଷା, ରତିଲା, ବଣଗାଁ, ବଙ୍ଗଲା ଆଦି ୫ ଗ୍ରାମର ଲୋକେ ବିଶେଷ ପ୍ରଭାବିତ ହେବାର ଆଶଙ୍କା ରହିଛି। ବ୍ଲକ ପ୍ରଶାସନ ପକ୍ଷରୁ ପାଣିଘେରରେ ଥିବା ନେଦା ଗ୍ରାମର ୧୫ ପରିବାରକୁ ବନ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିବା ଜରୁରୀକାଳୀନ ଅଧିକାରୀ ସୁଜୟ ପତି ସୂଚନା ଦେଇଛନ୍ତି। ତେବେ ନଦୀ ତଟବର୍ତ୍ତୀ ଅଞ୍ଚଳର ୬ଶହ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ସହ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଜିଲାପାଳ ବିନୀତ ଭରଦ୍ୱାଜ ଓ ଉପଜିଲାପାଳ ଅନ୍ୟା ଦାସଙ୍କ ସମେତ ଜିଲା ପ୍ରଶାସନର ଅଧିକାରୀମାନେ ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି।

**ହାଇୱା ଧକ୍କାରେ ୨ ଗୁରୁତର, ଅଞ୍ଚଳରେ ଚାପା ଉତ୍ତେଜନା**

ଯୋଡା,(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଜୁରୁଡି ଛକ ଠାରେ ରବିବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି। ହିମାଂଶୁ ଓ ତାଙ୍କ ସାଥୀ ଠିଆ ହୋଇ କଥାବାର୍ତ୍ତା ହେଉଥିବା ବେଳେ ଏକ ହାଇୱା ଦ୍ରୁତ ଗତିରେ ଯାଇ ଉକ୍ତ ଯୁବକ ଦ୍ୱୟଙ୍କୁ ଚାପି ଦେଇ ସେଠାରୁ ଚାଲି ଯାଇଥିଲା। ଘଟଣାସ୍ଥଳରେ ପଡ଼ି ଯୁବକ ଦ୍ୱୟ ରକ୍ତାକ୍ତ ଅବସ୍ଥାରେ ପଡିଥିବାବେଳେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇ ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଦ୍ୱୟଙ୍କୁ ଯୋଡ଼ା ଡାକ୍ତରଖାନାକୁ ନେଇଥିଲେ।



ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ରାଜଘାଟଠାରେ ପ୍ରବାହିତ ସୁବର୍ଣ୍ଣରେଖା ବନ୍ୟା ଜଳ।


ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ଗ୍ରାମରେ ବନ୍ୟାପାଣି।


ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କୁସୁଡ଼ା ଗାଁର ଏକ ପରିବାର ମଞ୍ଚା ବାନ୍ଧି ଆଶ୍ରୟ ନେଇଛନ୍ତି।


ବାଲେଶ୍ୱର ଜିଲା ଦେଇ ପ୍ରବାହିତ ବୁଢ଼ାବଳଙ୍ଗରେ ବନ୍ୟା।


ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମାଳଦା ଅଞ୍ଚଳ ଜଳମଗ୍ନ।


ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର ଉତ୍ତରପାଳ ରାସ୍ତାରେ ବନ୍ୟାପାଣି ପ୍ରବାହିତ।


କେନ୍ଦୁଝର ଜିଲା ଆନନ୍ଦପୁରଠାରେ ବୈତରଣୀର କରାଳ ରୂପ।

# ବୈତରଣୀ ବନ୍ୟା ସ୍ଥିତି ପରଖିଲେ ଜିଲାପାଳ, ବିଡିଓ

ଭଣ୍ଡାରିପୋଖରୀ,୨୧।୮(ସ୍ୱ.ପ୍ର.)

- ବିପଦସଙ୍କେତ ଉପରେ ପ୍ରବାହିତ
- ପାଣିରେ ବୁଡ଼ିଛି ଶତାଧିକ ହେକ୍ଟର ଚାଷଜମି

ଲଘୁଚାପଜନିତ ବର୍ଷା ଯୋଗୁ ପୁଣି ବୈତରଣୀରେ ବନ୍ୟା ଆସିଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଆଖୁଆପଦା ଆନିକଟଠାରେ ବିପଦସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏଠାରେ ନଦୀର ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ରବିବାର ରାତି ୯ଟା ସୁଦ୍ଧା ଜଳସ୍ତର ୧୮.୭୭ ମିଟରରେ ରହିଛି। ବୈତରଣୀ ବନ୍ୟାଜଳ କଣ୍ଟି ଏସ୍‌କେପ୍ ଦେଇ ପ୍ରବାହିତ ଯୋଗୁ ଭଣ୍ଡାରିପୋଖରୀ ବ୍ଲକର ମାଳଦା, ଷୋଳମପୁର, ନପଙ୍ଗ, ବନ୍ଧାଳ ଓ ଝୁଟୁଣା ପଞ୍ଚାୟତ ପାଣିଘେରରେ ରହିଛି। ସେହିପରି ରହଣିଆ, କୁରିଙ୍ଗା ଓ ବାଲିପୋଖରୀ ପଞ୍ଚାୟତ ଆଂଶିକ ଜଳମଗ୍ନ ହୋଇଛି। ଶତାଧିକ ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡ଼ି ରହିଛି।

ରବିବାର ମଧ୍ୟାହ୍ନରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜ କୁମାର ନାୟକ ପ୍ରମୁଖ ଆଖୁଆପଦାଠାରେ ପହଞ୍ଚି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ସବୁ ପରିସ୍ଥିତିରେ ସଜାଗ ରହିବାକୁ ଜିଲାପାଳ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ବନ୍ୟାର ମାତ୍ର ୪ ଦିନ ନ ଯାଉଣୁ ପୁଣି ବନ୍ୟା ଆସିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଲୋକେ ଚିନ୍ତାରେ ପଡ଼ିଯାଇଛନ୍ତି। ଗତଥର ବନ୍ୟାଠାରୁ ଏଥର ଅଧିକ କ୍ଷତି ହୋଇଛି। ଏବେ ଜଳସ୍ତର ସ୍ଥିର ରହିଥିଲେ ବି ବନ୍ୟା ପ୍ରପୀଡ଼ିତଙ୍କୁ ଭୟ ଘାରିଛି। ଉପର ମୁଣ୍ଡରେ ଏଭଳି ବର୍ଷା ଜାରି ରହିଲେ ଭୟଙ୍କର ସ୍ଥିତି ସୃଷ୍ଟି ହେବ ବୋଲି ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ପ୍ରାକ୍ତନ ସମିତିସଭ୍ୟ ନୃସିଂହ ଖିଲାର, ସେବା ସମବାୟ ସଭାପତି ମୁକୁନ୍ଦ ମଲିକ ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ଆଖୁଆପଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୧ କି.ମି. ଦୂରରେ ଥିବା ବାଲିପୋଖରୀ ଏସ୍‌କେପରେ ୨/୩ଟି ଘଳିଆ ପଡ଼ି ବନ୍ୟାଜଳ ଏବେ ଗାଁ ମୁହାଁ ହୋଇଛି। ଏହି ବନ୍ୟାଜଳରେ ଷୋଳମପୁର ପଞ୍ଚାୟତର ବିରୋଳି ଏବଂ ମାଳଦା ପଞ୍ଚାୟତର ସାରଣା ଓ ଚତୁର୍ଭୁଜପୁର ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି।


ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ବିଡିଓ ଦେବଦତ୍ତ ଦାସ ଆଖୁଆପଦା ଆନିକଟଠାରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଉତ୍ତର ଓଡ଼ିଶାରେ ବନ୍ୟା ବିଭୀଷିକା

ବାଲେଶ୍ୱର ଅଫିସ,୨୧।୮

ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁ ଉତ୍ତରଓଡ଼ିଶାରେ ଭୟଙ୍କର ପରିସ୍ଥିତି ଦେଖାଦେଇଛି। ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଆଦି ଜିଲାର ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା, ସୋନ, ଗଙ୍ଗାହାର, ବୈତରଣୀ, ସାଳନ୍ଦୀ, ଗେଙ୍ଗୁଟି, ମନ୍ତେଇ, ରେବ, କପାଳି, କୋଚିଲା, ଗମେଇ, କାଂଶବାଂଶ, କଞ୍ଝିଡ଼ି, ଧଳା ଭଳି ଛୋଟବଡ଼ ନଦୀ ଗୁଡ଼ିକରେ ବିପଦ ସଙ୍କେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣରେଖା ନଦୀରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୨୩ ତାରିଖ ପୂର୍ବାହ୍ନ ୮ଟା ୩୦ ମିନିଟ୍‌ରୁ ଲଘୁଚାପ ଜନିତ ପ୍ରବଳ ବର୍ଷା ହେବ। ଏହି ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ରାଜ୍ୟସରକାର ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ସ୍ୱତନ୍ତ୍ର ଭାବେ ଏସ୍‌ଆର୍‌ସି କ୍ଷମତା ପ୍ରଦାନ କରିବା ସହ ଆବଶ୍ୟକ ପଡ଼ିଲେ ଉଦ୍ଧାର ପାଇଁ ହେଲିକପ୍ଟର ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରବଳ ବର୍ଷା ଯୋଗୁ ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ୍‌ରୁ ଗତ ଶନିବାର ସନ୍ଧ୍ୟାରେ ୧୪ଟି ଗେଟ୍ ଦେଇ ୩ଲକ୍ଷ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଥିବା ବେଳେ ରବିବାର ୧୮ଟି ଗେଟ୍ ଦେଇ ୫ଲକ୍ଷ ୯୦ହଜାର କ୍ୟୁସେକ୍ ଜଳ ଛଡ଼ାଯାଉଛି। ରବିବାର ପୂର୍ବାହ୍ନ ୧୧ଟା ୨୫ମିନିଟ୍ ସୁଦ୍ଧା ରାଜଘାଟ ନିକଟସ୍ଥ ପୋଲରେ ଥିବା ସତର୍କ ସୂଚନା ୯.୪୫ ମିଟରକୁ ଟପିଥିଲା। ଯାହା ରବିବାର ଅପରାହ୍ନ ୫ଟା ସୁଦ୍ଧା ବିପଦ ସଙ୍କେତ ଟପି ୧୦.୮୪ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ସନ୍ଧ୍ୟା ସୁଦ୍ଧା ୧୧.୪୦ ମିଟର ଏବଂ ମଧ୍ୟରାତ୍ର ସୁଦ୍ଧା ୧୨.୧୦ ମିଟରରେ ପହଞ୍ଚିବ ବୋଲି ସେଣ୍ଟ୍ରାଲ ୱାଟର କମିଶନର ସୁବର୍ଣ୍ଣରେଖା ଶାଖା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଜିଲାପାଳ ଶିନ୍ଦେ ରବିବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ୪ଟି ବ୍ଲକ (ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର)ର ଜିଲାପରିଷଦ, ସମିତିସଭ୍ୟ, ସରପଞ୍ଚ, ୱାର୍ଡମେମ୍ବର ଏବଂ ସ୍ଥାନୀୟ ନେତୃବୃନ୍ଦଙ୍କ ସହ ବନ୍ୟା ସମ୍ପର୍କିତ ଆଲୋଚନା କରିଛନ୍ତି। ସୁବର୍ଣ୍ଣରେଖାରେ ୧୫ ମିଟର ଉପରେ ବନ୍ୟାଜଳ ପ୍ରବାହିତ ହେବାର ସୂଚନା ଦେଇ ଅଞ୍ଚଳବାସୀଙ୍କୁ ସଜାଗ ରହିବା, ବନ୍ୟାଞ୍ଚଳବାସୀଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରିବା, ସେମାନଙ୍କ ଖାଦ୍ୟ, ପାନୀୟଜଳ, ଔଷଧର ବ୍ୟବସ୍ଥା ସହ ଗୃହପାଳିତ ପଶୁଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନରେ ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଗତ ୨୦୦୮ ବର୍ଷରେ ୧୨.୬୯ ମିଟର ଜଳ ସୁବର୍ଣ୍ଣରେଖାରେ ଆସିଥିବା ବେଳେ ବନ୍ୟାରେ ବହୁ କ୍ଷତି ଘଟାଇଥିଲା। ତା' ଠାରୁ ଏଥର ବନ୍ୟା ଅଧିକ ହେବ ବୋଲି ବିଭାଗ ପକ୍ଷରୁ ସତର୍କ କରାଯାଇଛି। ବନ୍ୟାରେ ପ୍ରଭାବିତ ହେବାକୁ ଥିବା ୧ଲକ୍ଷ ୩୦ହଜାର ଲୋକଙ୍କୁ ୩୦୦ଟି ବାତ୍ୟା ଆଶ୍ରୟସ୍ଥଳୀ ଏବଂ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବାର ଲକ୍ଷ୍ୟ କରାଯାଇଛି। ଲୋକଙ୍କୁ ଉଦ୍ଧାର ବ୍ୟବସ୍ଥା ପାଇଁ ଏନ୍‌ଡିଆରଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗକୁ ନେଇ ୪୦ରୁ ଅଧିକ ଟିମ୍ ଏବଂ ୪୦ରୁ ଅଧିକ ବୋଟ୍ ପ୍ରସ୍ତୁତ ରଖାଯାଇଥିବା ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ଆଣିବା ପାଇଁ ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ବ୍ଲକରେ ପୋଲିସ ପକ୍ଷରୁ ମାଇକ୍ ଯୋଗେ ପ୍ରଚାର ଜାରି ରହିଛି। ୫ଟି ପ୍ରଶାସନିକ ଅଧିକାରୀଙ୍କୁ ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି। ୧୦୮ ଆମ୍ବୁଲାନ୍ସ, ମୋବାଇଲ ହେଲ୍‌ଥ ଟିମ୍ ପ୍ରମୁଖଙ୍କୁ ସଜାଗ ରଖାଯାଇଛି। ଜିଲାପାଳ ଶିନ୍ଦେ ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ନିକଟସ୍ଥ ଗୁରୁଦାସପୁର ବ୍ରିଜ୍‌ରେ ପହଞ୍ଚି ସୁବର୍ଣ୍ଣରେଖା ଜଳ ପତ୍ତନକୁ ଅନୁଧ୍ୟାନ କରିଥିଲେ। ସେହିପରି ଉକ୍ତ ବ୍ଲକର ଗୋବରଘାଟ ପଞ୍ଚାୟତର ବାଇରାଟଆଡ଼ି, ଗୁଡ଼ିଦାସପୁର ଘାଇକୁ ଦୁର୍ବଳ ନଦୀବନ୍ଧ ଭାବେ ଚିହ୍ନଟ କରି ପରିଦର୍ଶନ କରିଥିଲେ। ଏହି ନଦୀବନ୍ଧ ଭାଙ୍ଗିଲେ ଜଳେଶ୍ୱର ବ୍ଲକର ଅଧିକାଂଶ ଅଞ୍ଚଳର ସୁବର୍ଣ୍ଣରେଖା ନଦୀରେ ଲୀନ ହୋଇଯିବା ଆଶଙ୍କା ରହିଛି। ଏହି ଘାଇର ସ୍ଥାୟୀତ୍ୱ ଉପରେ ନଜର ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିବା ଜଣାପଡ଼ିଛି।

ଜିଲାର ପ୍ରମୁଖ ନଦୀ ବୁଢ଼ାବଳଙ୍ଗରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଜାତୀୟ ରାଜପଥ ନହରପାଟଣା ସ୍ଥିତ ବ୍ରିଜ୍ ନିକଟରେ ବିପଦ ସଙ୍କେତ ୮.୧୨ ମିଟର ଥିବାବେଳେ ବର୍ତ୍ତମାନ ବନ୍ୟାଜଳ ହ୍ରାସ ପାଇ ରବିବାର ଅପରାହ୍ନ ୫ଟା ସୁଦ୍ଧା ୭.୩୬ ମିଟରରେ ପହଞ୍ଚିଛି। ଏହା ମଧ୍ୟ ବିପଦ ସଙ୍କେତ ଉପରେ ରହିଛି। ନଦୀରେ ବନ୍ୟାଜଳ ହ୍ରାସ ପାଉଥିଲେ ମଧ୍ୟ ତଳିଆ ଅଞ୍ଚଳ ଦହପଡ଼ା, ନଗ୍ରମ, ବୁଆଁଳ,


ଜଳଘେରରେ ଥିବା ମହିଳାମାନେ ନିରାପଦ ସ୍ଥାନକୁ ଯାଉଛନ୍ତି।

## ସୁବର୍ଣ୍ଣରେଖାରେ ବଡ଼ ବନ୍ୟା

ସିନ୍ଧିଆ, ପରିଖି, ପାତ୍ରପଡ଼ା ଅଞ୍ଚଳରେ ବନ୍ୟା ଜଳ ଅଦ୍ୟାବଧି ନିଷ୍କାସନ ହୋଇ ନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଜଳକା ନଦୀରେ ବିପଦ ସଙ୍କେତ ୫.୫୦ମିଟର ଥିବାବେଳେ ଜଳସ୍ତର ୬.୭୦ ଉପରେ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ମଥାନୀ ନିକଟସ୍ଥ ଜାତୀୟ ରାଜପଥ ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଥିବା ବେଳେ ବହୁ ତଳିଆ ଗ୍ରାମାଞ୍ଚଳ ଓ ଚାଷଜମି ଜଳଘେରରେ ରହିଥିବା ଦେଖିବାକୁ ମିଳିଛି।

ମୟୂରଭଞ୍ଜ ଜିଲା ଦେଇ ପ୍ରବାହିତ ହୋଇଥିବା ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ରାସଗୋବିନ୍ଦପୁର ବ୍ଲକର ୪ଟି ପଞ୍ଚାୟତ ଓ ସାରସକଣା ବ୍ଲକର ୩ଟି ପଞ୍ଚାୟତର ଚାଷଜମି ସମେତ କେତେକ ଗାଁ ଜଳମଗ୍ନ ହୋଇଛି। ନେଦା ଗାଁର ଶହେରୁ ଉର୍ଦ୍ଧ୍ୱ ଲୋକଙ୍କୁ ଅଣାଯାଇ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି ସୂଚନା ଦେଇଛନ୍ତି। ସେହିପରି ବୁଢ଼ାବଳଙ୍ଗରେ ଜଳସ୍ତର କମୁଥିବା ବେଳେ ବନ୍ୟା ପରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତମାନଙ୍କୁ ସହଯୋଗ କରାଯିବାର ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି।

ଭଦ୍ରକ ଜିଲାରେ ପ୍ରବାହିତ ବୈତରଣୀ ନଦୀର ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ରବିବାର ଅପରାହ୍ନ ୩ଟା ସୁଦ୍ଧା ୧୮.୯୯ ମିଟରରେ ପ୍ରବାହିତ ହେଉଛି। ଚଳିତ ବନ୍ୟାରେ ଜିଲାରେ ୧୬,୫୫୪ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ପ୍ରଶାସନ ପକ୍ଷରୁ ପ୍ରାଥମିକ ସମୀକ୍ଷା ରିପୋର୍ଟରେ ପ୍ରକାଶ ପାଇଛି। ଭଦ୍ରକ ବ୍ଲକର ୪ ପଞ୍ଚାୟତର ୧୦ଟି ଗାଁ, ତିହିଡ଼ି ବ୍ଲକର ୧୧ଟି ଗ୍ରାମପଞ୍ଚାୟତର ୩୩ ଗାଁ, ବାସୁଦେବପୁର ବ୍ଲକର ୬ ଗ୍ରାମପଞ୍ଚାୟତର ୬୨ ଗାଁ, ଧାମନଗରର ୨୬ ଗ୍ରାମପଞ୍ଚାୟତର ୧୦୧ଟି ଗାଁ, ଭଣ୍ଡାରୀପୋଖରୀର ୪ଟି ଗ୍ରାମପଞ୍ଚାୟତର ୧୫ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଛି। ବୈତରଣୀ ନଦୀରେ ଜଣେ ବୃଦ୍ଧା ଓ ଗେଙ୍ଗୁଟି ନଦୀରେ ଜଣେ ଛାତ୍ର ଭାସିଯାଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

